ଧରିତ୍ରୀ DHARITRI
ରାୟଗଡ଼ା, ଶୁକ୍ରବାର, ୨୩ ଅଗଷ୍ଟ, ୨୦୧୯



ସର୍ବଦା ପ୍ରାର୍ଥନା କର, ଯେପରି ଶରୀରର ମୃତ୍ୟୁ ପୂର୍ବରୁ ତୁମ ଭିତରେ ଥିବା ଦୁର୍ଗୁଣଗୁଡ଼ିକର ମୃତ୍ୟୁ ହୋଇଯାଉ।
-ଫ୍ରାଙ୍କ୍‌ଲିନ୍



## ସଂକ୍ଷେପରେ

### ପଣ୍ଡିତ ସୁଧାଂଶୁ ବ୍ରାହ୍ମଣ ମହାସଂସ୍ଥା ରାଜ୍ୟଶାଖା ଯୁବବିଭାଗ ଅଧ୍ୟକ୍ଷ

ଜୟପୁର,୨୨।୮(ଡି.ଏନ୍.ଏ.): ଜୟପୁର ସହରର ପଣ୍ଡିତ ସୁଧାଂଶୁ ଭୂଷଣ ଆଚାର୍ଯ୍ୟ ଅନ୍ତରାଷ୍ଟ୍ରୀୟ ବ୍ରାହ୍ମଣ ମହାସଂସ୍ଥାର ରାଜ୍ୟଶାଖା ଯୁବ ବିଭାଗର ଅଧକ୍ଷ ଭାବେ ମନୋନୀତ ହୋଇଛନ୍ତି। ବ୍ରାହ୍ମଣ ସମାଜର ବିକାଶ, ସଂସ୍କାର ଓ ନମ୍ରତା, ସମାଜ ପ୍ରତି ତାଙ୍କର ଉଲ୍ଲେଖନୀୟ ସେବା ପାଇଁ ଏହି ପଦବୀରେ ତାଙ୍କୁ ନିଯୁକ୍ତ କରାଯାଇଥିବା ଅନ୍ତରାଷ୍ଟ୍ରୀୟ ବ୍ରାହ୍ମଣ ମହାସଂସ୍ଥାର ରାଷ୍ଟ୍ରୀୟ ଅଧକ୍ଷ ପଣ୍ଡିତ ବଶିଷ୍ଠ ଦୁବେ ଗତ ମଙ୍ଗଳବାର ଘୋଷଣା କରିବା ସହ ଚିଠିକରି ସୂଚନା ଦେଇଛନ୍ତି।

### ଲଗାଣ ବର୍ଷା କରିଛି ବାସହରା



ଦଶମନ୍ତପୁର,୨୨।୮(ଡି.ଏନ୍.ଏ.): ଲଘୁଚାପ ଜନିତ ବର୍ଷା ଦଶମନ୍ତପୁର ବ୍ଲକ୍ ମୁର୍ଜାର ପଞ୍ଚାୟତ ଆଉଟଦୋରା ଗ୍ରାମର ୩ ପରିବାରକୁ ବାସହରା କରିଛି। ଗ୍ରାମର କୃଷ୍ଣ ୱାଡେକା, ସୂଦା ନାଚିକା ଏବଂ ରମେଶ ମୁସିକା ରାତିରେ ଶୋଇଥିବା ସମୟରେ ପ୍ରବଳ ବର୍ଷା ଯୋଗୁ ଘରର ଆଜବେଷ୍ଟସ ଭାଙ୍ଗିଯିବା ସହ ଗୋଟିଏ ପାର୍ଶ୍ୱର କାନ୍ଥ ମଧ ଭାଙ୍ଗିଯାଇଥିଲା। ତେବେ ଏଥିରେ କେହି ଆହତ ହୋଇ ନ ଥିଲେ ମଧ ରାତିଅଧରେ ଘରୁ ବାହାରି ଅନ୍ୟ ଘରେ ଆଶ୍ରୟ ନେଇଥିଲେ। ହେଲେ ବର୍ଷା ମାଡ଼ରେ ଘରେ ଥିବା ଖାଦ୍ୟ ଶସ୍ୟ ମଧ ନଷ୍ଟ ହୋଇଯାଇଥିବାବେଳେ ଏବେ ସେହି ଭଙ୍ଗା ଆଜବେଷ୍ଟସ ଉପରେ ପଥର ଲଦି ତିନି ପରିବାର ଆଶ୍ରୟ ନେଇଛନ୍ତି। ତେଣୁ ଏହି ଅସହାୟ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଦାବି ହୋଇଛି। ଏ ସମ୍ପର୍କରେ ସୂଚନା ପାଇ ତହସିଲଦାର ଅଜୟ ପ୍ରକାଶ ତିର୍କି ଆରଆଇଙ୍କୁ ପଠାଇ ତଦନ୍ତ କରିବା ପରେ ପ୍ରଥମେ ପଲିଥିନ୍ ଏବଂ ପରେ କ୍ଷୟକ୍ଷତି ଆକଳନ କରାଯାଇ ଆର୍ଥିକ ସହାୟତା ଦିଆଯିବ ବୋଲି କହିଛନ୍ତି।

### ଚୋରି ଅଭିଯୋଗରେ ଅପରେଟର, ୨ ହେଲ୍‌ପର ଗିରଫ

ଜୟପୁର,୨୨।୮(ଡି.ଏନ୍.ଏ./ନି.ପ୍ର.): ଜୟପୁର ସଦରଥାନା ପକ୍ଷରୁ ନୂତନ ଭାବେ ନିର୍ମିତ ଷ୍ଟାଡିୟମରେ କାର୍ଯ୍ୟରତ ମେସିନ ଅପରେଟର ଏବଂ ଦୁଇ ହେଲପର ଚୋରି ଅଭିଯୋଗରେ ଗିରଫ ପରେ କୋର୍ଟ ଚାଲାଣ ହୋଇଛନ୍ତି। ଅଭିଯୁକ୍ତ ଅପରେଟର ଯାଜପୁର ଜିଲା ନିଶ୍ଚିନ୍ତକୋଇଲି ଥାନା ମାଧବପୁରର ଲକ୍ଷ୍ମୀଧର ପ୍ରଧାନ ଓ ଦୁଇ ହେଲପର ହେଲେ କୋରାପୁଟ ଜିଲା ବିସିଙ୍ଗପୁର ଥାନା ମାକିଡିଅଟାଳ ଗ୍ରାମର ବାଲାଜୀ ପାଇକ ଏବଂ ମାଛକୁଣ୍ଡ ଥାନା ସେମିଳିଗୁଡ଼ା ଗ୍ରାମର ଅଶୋକ କିର୍ସାନି। ସେମାନେ ଚୋରି କରିଥିବା ଏକ ମୋଟର ପମ୍ପ, ୩ଟି ଗାଡ଼ି ବ୍ୟାଟେରି ଜବତ କରାଯାଇଛି। ୩ ଅଭିଯୁକ୍ତ ଫୁଲବାଡ଼ରେ ନିର୍ମିତ ହେଉଥିବା ଷ୍ଟାଡିୟମରେ କାର୍ଯ୍ୟରତ ଥିଲେ। କିଛି ଦିନ ହେବ କାର୍ଯ୍ୟରତ ସ୍ଥଳରୁ ଉପରୋକ୍ତ ସାମଗ୍ରୀ ଚୋରି କରିବା ପରେ ବିକ୍ରି ଉଦ୍ଦେଶ୍ୟରେ ତାହାକୁ ଲୁଚାଇ ରଖିଥିଲେ। ଏନେଇ ନିର୍ମାଣ ଠିକାସଂସ୍ଥା ପକ୍ଷରୁ ଥାନାରେ ମାମଲା ରୁଜୁ ହୋଇଥିଲା। ଗତ ବୁଧବାର ଜୟନଗର ଅଞ୍ଚଳରେ ଅଭିଯୁକ୍ତ କିର୍ସାନି ଚୋରି କରୁଥିବା ବେଳେ ଲୋକଙ୍କ ହାତରେ ଧରାପଡ଼ି ନିସ୍ତୁକ ମାଡ଼ ମାରି ପୋଲିସକୁ ହସ୍ତାନ୍ତର କରିଥିଲେ। ପୋଲିସ ଅଭିଯୁକ୍ତଙ୍କଠାରୁ ଏହି ମାମଲାରେ ସୁରାକ ପାଇ ଅନ୍ୟ ଦୁଇଜଣଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କଠାରୁ ଚୋରି ସାମଗ୍ରୀ ଉଦ୍ଧାର କରିଛି।

### ନାବାଳିକାଙ୍କୁ ଅପହରଣ, ଥାନାରେ ଏତଲା

ଜୟପୁର,୨୨।୮(ଡି.ଏନ୍.ଏ.): ଜୟପୁର ଟାଉନଥାନାରେ ନାବାଳିକାଙ୍କୁ ଅପହରଣ ନେଇ ଗୁରୁବାର ଅଭିଯୋଗ ହୋଇଛି। ସ୍ଥାନୀୟ ନାରାୟଣ ତୋଟାସାହିର ୧୭ ବର୍ଷିୟା ନାବାଳିକାଙ୍କୁ ଅପହରଣ ହୋଇଥିବା ପରିବାର ଥାନାରେ ଅଭିଯୋଗ କରିଥିଲେ। ତଦନ୍ତ ବେଳେ ନାବାଳିକା ପ୍ରେମିକଙ୍କ ସହ ଫେରାର ଥିବା ଜଣାପଡ଼ିଥିଲା। ତାଙ୍କୁ ଉଦ୍ଧାର ପାଇଁ ପ୍ରୟାସ ଚାଲିଥିବା ଏସ୍‌ଆଇ ସୁନିତା ବେହେରା କହିଛନ୍ତି।

# ଏସ୍‌ଏଚ୍‌ଜିଙ୍କ ଦ୍ୱାରା ଧାନକିଣାକୁ ବିରୋଧ

## ଜିଲା ଯୋଗାଣ ଅଧିକାରୀଙ୍କୁ ଭେଟିଲେ ୨ ପଞ୍ଚାୟତର ଚାଷୀ

ଜୟପୁର,୨୨।୮(ଡି.ଏନ୍.ଏ./ନି.ପ୍ର.)

ଜୟପୁର ବ୍ଲକ କଙ୍ଗା ଓ ଜାମୁଣ୍ଡା ପଞ୍ଚାୟତର ଚାଷୀଙ୍କ ଖରିଫ ଧାନ ଅମଳ ପରେ ମଣ୍ଡିରେ ଏହାକୁ ସ୍ୱୟଂ ସହାୟକ ଗୋଷ୍ଠୀ କିଣିବେ। ଜିଲା ପ୍ରଶାସନ ନେଇଥିବା ଏଭଳି ନିଷ୍ପତ୍ତିକୁ ଏବେ ବିରୋଧ ଆରମ୍ଭ ହୋଇଛି। ଉଭୟ ପଞ୍ଚାୟତର କେତେକ ଚାଷୀ ଜିଲା ଯୋଗାଣ ଅଧିକାରୀ ତୁଳାରାମ ନାୟକଙ୍କୁ ଭେଟି ଆଲୋଚନା କରିଛନ୍ତି।

ରାଜ୍ୟ ସରକାର ମହିଳା ସଶକ୍ତୀକରଣ ତଥା ମିଶନ ଶକ୍ତି ଦ୍ୱାରା ପ୍ରଶିକ୍ଷିତ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଖରିଫ ଋତୁ ପାଇଁ ଧାନ କିଣିବାର ବ୍ୟବସ୍ଥା କରିଛନ୍ତି। ଜୟପୁର ଉପଖଣ୍ଡରେ ୧୩ଟି ସ୍ୱୟଂ ସହାୟକ ଗୋଷ୍ଠୀ ଧାନ କିଣିବେ। ଏଥିରୁ ବୈପାରୀଗୁଡ଼ା ବ୍ଲକରେ ନିଯୁକ୍ତ ଏସ୍‌ଏଚ୍‌ଜିର ନାମ କୌଣସି କାରଣରୁ କଟିଯାଇଥିବା ବେଳେ ବର୍ତ୍ତମାନ ୧୨ଟି ଏସ୍‌ଏଚ୍‌ଜି ରହିଛନ୍ତି। ଜୟପୁର, କୁନ୍ଦୁରା, ବୋରିଗୁମ୍ମା ଓ କୋଟପାଡ଼ ବ୍ଲକରେ ଏମାନେ ଧାନ କିଣିବେ। କିନ୍ତୁ ଚାଷୀମାନେ ଅଭିଯୋଗ କରିଛନ୍ତି ଯେ କଙ୍ଗା ପଞ୍ଚାୟତରେ କାର୍ଯ୍ୟକ୍ଷମ ସ୍ୱୟଂ ସହାୟକ ଗୋଷ୍ଠୀ ନାହିଁ ଓ ଯେଉଁ ସ୍ୱୟଂ ସହାୟକ ଗୋଷ୍ଠୀକୁ ଏହି ଦାୟିତ୍ୱ ଦିଆଯାଇଛି, ତାହାର ସଦସ୍ୟମାନେ ହିସାବ ଜାଣନ୍ତି ନାହିଁ। ତେଣୁ ପୂର୍ବପରି ଲ୍ୟାମ୍ପସ ଦ୍ୱାରା ଧାନକିଣା ପାଇଁ ମୋହନ ଗଣ୍ଡା, ରାମନାଥ ଗୌଡ଼, ଲକ୍ଷ୍ମୀନାଥ ରଣା, ଦୀନବନ୍ଧୁ ଗୌଡ଼, ଡମ୍ବରୁ ହରିଜନ, ଲକ୍ଷ୍ମଣ ଭତ୍ରା, ଏ. ଦିବାକର, ବଳରାମ ରନ୍ଧାରୀ, ସରୋଜ ପଣ୍ଡା, ଲକ୍ଷ୍ମୀ ଅମନାତ୍ୟ ଦାବି ଜଣାଇଛନ୍ତି। ଚାଷୀଙ୍କ ନାମ ପଞ୍ଜିକରଣ ଏସ୍‌ଏଚ୍‌ଜି ଓ ଲ୍ୟାମ୍ପସ କରିବ। ୩୧ ତାରିଖ ପଞ୍ଜିକରଣର ଅନ୍ତିମ ଦିବସ ଥିବାବେଳେ ଏବେ ପଞ୍ଜିକରଣ କରାଯାଉ ନଥିବା ଅଭିଯୋଗ ହୋଇଥିଲା। ଶତାଧିକ ଚାଷୀଙ୍କ ଦସ୍ତଖତ ଥାଇ ଦାବିପତ୍ର ଜୟପୁର ଉପଜିଲାପାଳ, ଜିଲା ଯୋଗାଣ ଅଧିକାରୀ, ଜୟପୁର ବିଧାୟକ, ଜୟପୁର ସମନ୍ୱିତ ଶିଶୁ ବିକାଶ ଅଧିକାରୀଙ୍କୁ ଦିଆଯାଇଛି। ମିଶନ ଶକ୍ତିର ଏକ ଦଳ କଙ୍ଗା ଓ ଜାମୁଣ୍ଡା ଗସ୍ତ କରି ଚାଷୀଙ୍କ ସହ ଆଲୋଚନା କରିବେ ବୋଲି ସିଏସ୍‌ଓ କହିଛନ୍ତି।



ଜିଲା ଯୋଗାଣ ଅଧିକାରୀଙ୍କୁ ଭେଟିବାକୁ ଆସିଥିବା ଦୁଇ ପଞ୍ଚାୟତର ଚାଷୀ।

### ବଜ୍ରପାତରେ ଶ୍ୱଶୁର, ଜ୍ୱାଇଁ ଗୁରୁତର

ନନ୍ଦପୁର,୨୨।୮(ଡି.ଏନ୍.ଏ.):

ନନ୍ଦପୁର ବ୍ଲକ ବଦେଲା ପଞ୍ଚାୟତ ଅନ୍ତର୍ଗତ ମହିପାଲିପୁଟ ଗ୍ରାମରେ ବୁଧବାର ରାତିରେ ବଜ୍ରପାତ ଯୋଗୁ ଦୁଇଟି ଗୋରୁଙ୍କ ମୃତ୍ୟୁ ହୋଇଛି। ଦୁଇ ଜଣ ବ୍ୟକ୍ତି ଗୁରୁତର ହୋଇଛନ୍ତି। ସେମାନଙ୍କୁ ଲମତାପୁଟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ ବୁଧବାର ରାତିରେ ବର୍ଷା ସହ ଘଡ଼ଘଡ଼ି ହେଉଥିବା ବେଳେ ମହିପାଲିପୁଟ ଗ୍ରାମର ଗୋରା ଖରା (୫୦)ଙ୍କ ପରିବାର ଖାଇ ବସିଥିଲେ। ଏହି ସମୟରେ ତାଙ୍କ ଘର ଉପରେ ବଜ୍ରପାତ ହୋଇଥିଲା। ଏଥିରେ ତାଙ୍କ ଗୁହାଳରେ ଥିବା ୨ଟି ଗୋରୁଙ୍କ ମୃତ୍ୟୁ ହୋଇଯାଇଥିଲା। ଏହାସହ ତାଙ୍କ ଘରର କାନ୍ଥ ଭାଙ୍ଗିଯିବା ଯୋଗୁ ଆଟୁ ଓ ସେଥିରେ ଥିବା ଧାନ, ମାଣ୍ଡିଆ, କାଠ ଖସିପଡ଼ିଥିଲା। ଏହା ତଳେ ଦବିଯାଇ ଗୋରା ଖରା ଓ ତାଙ୍କ ଜ୍ୱାଇଁ ସୁରେଶ ଖିଲ (୨୫) ଗୁରୁତର ଆହତ ହୋଇଥିଲେ। ବଜ୍ରପାତ ଏତେ ଜୋରଦାର ଥିଲା ଯେ ଗାଁର କେତେକ ମହିଳା ମୁର୍ଚ୍ଛା ଯାଇ ଥିଲେ। ଗାଁରେ ସେମାନଙ୍କ ପ୍ରାଥମିକ ଚିକିତ୍ସା କରାଯାଇଥିଲା।

# ଆଧାର ପ୍ରକ୍ରିୟାରେ ଅବ୍ୟବସ୍ଥା

## ■ ତ୍ରୁଟି ଭର୍ତ୍ତି ହୋଇଛି, ସଂଶୋଧନ ପାଇଁ ବାରମ୍ବାର ଦୌଡୁଛନ୍ତି ଆଦିବାସୀ

ବୈପାରୀଗୁଡ଼ା,୨୨।୮(ଡି.ଏନ୍.ଏ.)

ଏବେ ପ୍ରତ୍ୟେକ ସରକାରୀ କାମରେ ଆଧାର କାର୍ଡକୁ ଗୁରୁତ୍ୱ ଦିଆଯାଉଛି। ରାଶନ କାର୍ଡ ସହ ଆଧାର ସଂଯୋଗ କରା ନଗଲେ ହିତାଧିକାରୀ ତାଲିକାରୁ ବାଦ୍ ପଡିବା ଭୟ ଆଦିବାସୀଙ୍କୁ ଛାନିଆ କରିଛି। ବ୍ୟାଙ୍କ ପାସବୁକ୍‌ରେ ଆଧାର ସଂଯୋଗ କରିବା ପାଇଁ ବାଧ କରାଯାଉଛି। କିନ୍ତୁ ବ୍ଲକରେ ହାତଗଣତି ଆଧାର ଫଟୋଉଠା କେନ୍ଦ୍ର ଥିବାବେଳେ ବ୍ଲକ ସଦର ଅଫିସ୍ ପ୍ରକୋଷ୍ଠରେ ଏଥିରୁ ଗୋଟିଏ କେନ୍ଦ୍ର ରହିଛି।

ଉଲ୍ଲେଖନୀୟ କଥା ହେଉଛି, ଅନେକ ସମୟରେ ଆଧାର କାର୍ଡରେ ଲୋକଙ୍କ ନାମ, ଠିକଣା ଓ ଜନ୍ମ ତାରିଖ ଭୁଲ୍ ରହୁଛି। ଫଟୋଉଠା କେନ୍ଦ୍ରରେ ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର ଓ ସରପଞ୍ଚଙ୍କଠାରୁ ଆବଶ୍ୟକ ପ୍ରମାଣପତ୍ର ଦାଖଲ କରିଥିଲେ ମଧ ଏସବୁ ସଂଶୋଧନ ହେଉନାହିଁ। କେନ୍ଦ୍ର ସ୍ୱଳ୍ପ ଶିକ୍ଷିତ ବ୍ୟକ୍ତିଙ୍କ ଦ୍ୱାରା ପରିଚାଳିତ ହେଉଛି। ସେମାନେ ତ୍ରୁଟି କରୁଛନ୍ତି, କିନ୍ତୁ କାର୍ଡଧାରୀଙ୍କ ମୁଣ୍ଡରେ ଦୋଷ ଲଦି ଦିଆଯାଉଛି। ତ୍ରୁଟିପୂର୍ଣ୍ଣ ଆଧାର କାର୍ଡ କାମରେ ନ ଆସିବାରୁ କାର୍ଡଧାରୀ ବାରମ୍ବାର ଆଧାର ଫଟୋଉଠା କେନ୍ଦ୍ରକୁ ଦୌଡୁଛନ୍ତି। ବିନା ମୂଲ୍ୟରେ ଏହି କାର୍ଡ଼ ଯୋଗାଇଦେବାର ନିୟମ ଥିଲେ ମଧ ବାରମ୍ବାର ତ୍ରୁଟିପରେ ଏହାକୁ ସଂଶୋଧନ ନାଁରେ ଅର୍ଥ ଆଦାୟ କରାଯାଉଛି। ଏହାର ଏକ ନମୁନା ହେଲା ବ୍ଲକ କାର୍ଯ୍ୟାଳୟ କାନ୍ଥରେ ଆଧାର କାର୍ଡ କେନ୍ଦ୍ରର ପରିଚାଳକଙ୍କ ଦ୍ୱାରା ଲାଗିଥିବା ସୂଚନା ପତ୍ର। ଗତ ୬ରୁ ୩୧ ତାରିଖ ପର୍ଯ୍ୟନ୍ତ ବିଦ୍ୟାଳୟ କ୍ଲଷ୍ଟରରେ ସ୍କୁଲ ପିଲାଙ୍କ ଫଟୋଉଠା କାର୍ଯ୍ୟରେ ନିୟୋଜିତ ଥିବା କାରଣରୁ ବ୍ଲକ ଅଫିସ୍‌ରେ ଆଧାର ଫଟୋଉଠା ବନ୍ଦ ରହୁଥିବା ନେଇ ନୋଟିସ୍ ଲାଗିଛି। ମାତ୍ର ୩ ଧାଡିରେ ଲେଖାଯାଇଥିବା ଉକ୍ତ ନୋଟିସ୍‌ରେ ବହୁ ଓଡ଼ିଆ ଶବ୍ଦକୁ ବିକୃତ କରାଯାଇଛି। ଯେମିତି 'ବନ୍ଦ' ସ୍ଥାନରେ 'ବନ୍ଧ' ଓ 'ରହିବ' ସ୍ଥାନରେ 'ରୋହିବ' ଲେଖାଯାଇଛି। ପ୍ରୋଗ୍ରାମକୁ ଇଂରାଜୀରେ ଭୁଲ୍ ଲେଖାଯାଇଛି। 'ଟାରୁ'କୁ କଲମରେ ସଂଶୋଧନ କରାଯାଇ 'ଠାରୁ' ଲେଖାଯାଇଛି। ଆଶ୍ଚର୍ଯ୍ୟର କଥା, ବ୍ଲକ ଅଫିସରେ ଅନେକ ଅଧିକାରୀ କାମ କରୁଥିବା ବେଳେ କାହାର ମଧ ଏହା ଉପରକୁ ଦୃଷ୍ଟି ଆସୁନାହିଁ। ଏ ସମ୍ପର୍କରେ ବିଡିଓ ରଜନୀକାନ୍ତ ଦାସଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଥିଲେ ଯେ, ଆଧାର ଫଟୋଉଠା କେନ୍ଦ୍ରର ପରିଚାଳକ ନିଜ ନୋଟିସ୍‌ରେ ଏପରି ଭୁଲ୍ କରୁଥିବା ବେଳେ ଆଧାର କାର୍ଡଧାରୀ କିପରି ତ୍ରୁଟି ହେଉଥିବ ସେ ଅନୁଭବ କରିଛନ୍ତି, ଏହା ଉପରେ ସେ କାର୍ଯ୍ୟାନୁଷ୍ଠାନ ନେବେ।

# ମୁକୁଳା ଟ୍ରାନ୍ସଫର୍ମର, ଝୁଲୁଛି ତାର

ସୁନାବେଡ଼ା,୨୨।୮(ଡି.ଏନ୍.ଏ.)

ସୁନାବେଡ଼ା ଓ ସେମିଳିଗୁଡ଼ା ସହରର ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଏବଂ ଟ୍ରାନ୍ସଫର୍ମର ବିପଦସଙ୍କୁଳ ଅବସ୍ଥାରେ ରହିଛି। ସହରର ସରକାରୀ ହାଇସ୍କୁଲ ନିକଟ, ଷ୍ଟେଟବ୍ୟାଙ୍କ ନିକଟ, ବସଷ୍ଟାଣ୍ଡ, ବିଲେଇଗୁଡ଼ା ସରସ୍ୱତୀ ଶିଶୁମନ୍ଦିର ନିକଟ, କଲେଜ ଛକ, ଗୋପବନ୍ଧୁ ନଗର ମୁଖ୍ୟରାସ୍ତା (ହୋଟେଲ ଲେମନ୍ କ୍ୟାସଲ୍) ନିକଟରେ ରହିଥିବା ଟ୍ରାନ୍ସଫର୍ମର ମୁକୁଳା ପଡ଼ିବା ସହ ବିପଦକୁ ଡାକୁଛି। ଖୁଣ୍ଟକୁ ଖୁଣ୍ଟ ସଂଯୋଗ କରୁଥିବା ତାରଗୁଡ଼ିକ ମଧ ଏପରି ସ୍ଥିତିରେ ରହିଛି, ଯେ କୌଣସି ସମୟରେ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇ ନ ପାରେ। ଏ ସମ୍ପର୍କରେ ଅନେକ ଥର ସୁନାବେଡ଼ା ବିଦ୍ୟୁତ୍ ବିଭାଗକୁ ଅବଗତ କରାଯାଇଥିଲେ ମଧ ସୁଫଳ ମିଳିପାରିନାହିଁ। ଗାର୍ଡ ବାଉଣ୍ଡାରୀ ନ ଥିବାରୁ ଲୋକଙ୍କ ସହ ଗାଇଗୋରୁଙ୍କ ପ୍ରତି ବିପଦ ରହିଛି। କିଛି ସ୍ଥାନରେ ବିଦ୍ୟୁତ୍ ତାର ଟାୟାର, ଟ୍ୟୁବ୍ ସହ ବନ୍ଧାଯାଇ ଝୁଲାଇ ଦିଆଯାଇଛି। ବର୍ଷା ଯୋଗୁ ଧୀରେଧୀରେ ତାର ତଳକୁ ଖସୁଥିବାରୁ ଲୋକେ ଏହି ରାସ୍ତାରେ ଯିବା ସମୟରେ ବିପଦ ଆଶଙ୍କା ରହିଛି। ଏପରିକି ଘର ଓ ଦୋକାନ ଉପର ଦେଇ ଯାଇଥିବା ମୁଖ୍ୟ ବିଦ୍ୟୁତ୍‌ତାର ମଧ ଝୁଲନ୍ତା ଅବସ୍ଥାରେ ରହିଥିବାରୁ ଅଞ୍ଚଳବାସୀଙ୍କ ଆତଙ୍କିତ ରହୁଛନ୍ତି। ବିଦ୍ୟୁତ ବିଭାଗ ଏହାର ପ୍ରତିକାର କରିବାକୁ ଦାବି ହୋଇଛି।

## ବିପଦକୁ ଆମନ୍ତ୍ରଣ



# ୫ 'ଟି'ରେ ଯୋଜନାକୁ ସଫଳ କର

**୫ ଜିଲାର ଅଧିକାରୀ ବୈଠକରେ ଗୁରୁମନ୍ତ୍ର**

କୋରାପୁଟ,୨୨।୮(ସ୍ୱ.ପ୍ର.)

କୋରାପୁଟସ୍ଥିତ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ରରେ ଗୁରୁବାର ଅବିଭକ୍ତ କୋରାପୁଟ ସମେତ କଳାହାଣ୍ଡି ଜିଲାର ଅଧିକାରୀଙ୍କୁ ନେଇ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ଓ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାର ଅଗ୍ରଗତି ସମୀକ୍ଷା ବୈଠକ ହୋଇଛି। ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ରାଜେଶ ପ୍ରଭାକର ପାଟିଲ ଏଥିରେ ଅଧକ୍ଷତା କରିଥିଲେ। ରାଜ୍ୟ ସରକାରଙ୍କ ୫'ଟି' ସୂତ୍ର ଅନୁଯାୟୀ ଉଭୟ ଯୋଜନାକୁ ଅଧିକ ଲୋକାଭିମୁଖି କରିବା ପାଇଁ ଏଥିରେ ସେ ଗୁରୁତ୍ୱାରୋପ କରିଛନ୍ତି।

ବୈଠକରେ ଗ୍ରାମୀଣ ଆବାସ ବିଭାଗ ସହକାରୀ ନିର୍ଦ୍ଦେଶକ କୁଳମଣି ମିଶ୍ର, ଏମ୍‌ଜିଏନ୍‌ଆରଇଜିଏସ୍ ଓଡ଼ିଶା ସୋସାଇଟିର ପ୍ରୋଗ୍ରାମ ମ୍ୟାନେଜର ପ୍ରକାଶ ପାତ୍ର, କୋରାପୁଟ ଜିଲାପାଳ ମଧୁସୂଦନ ମିଶ୍ର ଯୋଗ ଦେଇଥିଲେ। ଏଥିରେ ୫ଟି ଜିଲାର ଗ୍ରାମ୍ଯ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ, ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ, ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ (ଯାନ୍ତ୍ରିକ), ୫୫ ଜଣ ବିଡିଓ ନିଜ ଅଞ୍ଚଳର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ ଆବାସ ଯୋଜନାର ଅଗ୍ରଗତି ରିପୋର୍ଟ ଦେଇଥିଲେ। ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଟାର୍ଗେଟ ପୂରଣ କରିବା, ଅନ୍ତତଃ ଏହାର ୭୦ ପ୍ରତିଶତ ଲୋକଙ୍କୁ ୧୦୦ ଦିନର କାମ ଯୋଗାଇଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଅବସରରେ ୨୦୧୮-୧୯ ବର୍ଷରେ ଆବାସ ଯୋଜନାରେ ସଫଳତା ପାଇଥିବା କୋଟପାଡ, ବୈପାରିଗୁଡ଼ା, ବୋରିଗୁମ୍ମା, ଡାବୁଗାଁ, ରାଇଘର ଭଳି ୫ଟି ବ୍ଲକ ପୁରସ୍କୃତ ହୋଇଥିଲେ। ୨୨୦୩ ଟାର୍ଗେଟ୍‌ରୁ ୨୦୧୯ ଏପ୍ରିଲ ୧ ସୁଦ୍ଧା ୧୭୬୫ ଟି ଘରକାମ ଶେଷକରି କୋଟପାଡ଼ ବ୍ଲକ ପ୍ରଥମ ହୋଇଛି। ୨୬୬୩ରୁ ୨୧୩୨ଟି ଟାର୍ଗେଟ୍ ପୂରଣ କରି ବୈପାରିଗୁଡ଼ା ବ୍ଲକ ଦ୍ୱିତୀୟ, ୨୯୬୬ରୁ ୨୨୮୫ଟି ଗୃହକାମ ସାରି ବୋରିଗୁମ୍ମା ତୃତୀୟ ହୋଇଛି।

## ଆବାସ ଯୋଜନାରେ ସଫଳତା ପାଇଥିବା ୫ ବ୍ଲକ ପୁରସ୍କୃତ



ସମୀକ୍ଷା ବୈଠକରେ ପ୍ରକଳ୍ପ ନିର୍ଦ୍ଦେଶକ ଓ ଅନ୍ୟ ଅଧିକାରୀମାନେ।

# ଏନ୍‌ଏଚ୍‌ରେ ନିମ୍ନମାନର ଡ୍ରେନ୍ ନିର୍ମାଣ

## ■ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦିଆଗଲା ସ୍ମାରକପତ୍ର

ବୈପାରୀଗୁଡ଼ା,୨୨।୮(ଡି.ଏନ୍.ଏ.)

ବୈପାରୀଗୁଡ଼ା ଦେଇ ଯାଇଥିବା ରାଞ୍ଚି-ବିଜୟୱାଡ଼ା ଜାତୀୟ ରାଜପଥର ଉଭୟ ପାର୍ଶ୍ୱ ଡ୍ରେନ ନିର୍ମାଣରେ ଅନିୟମିତତା ନେଇ ଗ୍ରାମବାସୀ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦେଇଛନ୍ତି। ଗୁରୁବାର ସ୍ଥାନୀୟ ଲୋକେ ବ୍ଲକ କାର୍ଯ୍ୟାଳୟକୁ ଯାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଜନୀକାନ୍ତ ଦାସଙ୍କୁ ଉକ୍ତ ପତ୍ର ଦେଇଛନ୍ତି। ଡ୍ରେନ୍‌କୁ ଲାଗି ରାସ୍ତାର ୨ ପାର୍ଶ୍ୱ କଙ୍କ୍ରିଟ୍ ହୋଇ ନ ଥିବାବେଳେ ତାହା ବର୍ଷାପାଣିରେ ଧୋଇହୋଇ ଗାଡ଼ ସୃଷ୍ଟି କରୁଛି। ଫଳରେ ରାସ୍ତାର ପାଣି ଡ୍ରେନ୍‌କୁ ଯିବା ବଦଳରେ ଏହି ଗାଡ଼ ଦେଇ ବୋହୁଥିବାରୁ ରାସ୍ତା ଖରାପ ହେଉଛି। ଅନେକ ସମୟରେ ଏହି ଗାଡ଼ ଯୋଗୁ ଦୁର୍ଘଟଣା ଘଟୁଛି। ଡ୍ରେନ୍ ଉପରେ ପ୍ଲେଟ ପକାଇବା ନିୟମ ଥିବା ସତ୍ତ୍ୱେ ଅଧିକାଂଶ ସ୍ଥାନରେ ଖାଲି ଛଡ଼ାଯାଇଛି। ତୁରନ୍ତ ପଦକ୍ଷେପ ନହେଲେ ୨୪ରେ ଅର୍ଥନୈତିକ ଅବରୋଧ ଚେତାବନୀ ଦିଆଯାଇଛି।

# ବ୍ଲକ ପକ୍ଷରୁ ସାମାଜିକ ସମୀକ୍ଷା ବୈଠକ

- ଯନ୍ତ୍ରୀଙ୍କ ମନୋମୁଖି କାମକୁ ବିରୋଧ
- ବିନା ପଲ୍ଲିସଭାରେ କାମ ଚାଲିଛି
- ୭୪ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

ଦାମନଯୋଡ଼ି,୨୨।୮(ସ୍ୱ.ପ୍ର.)

ମାଥାଲପୁଟ ପଞ୍ଚାୟତରେ ସରକାରୀ ଯୋଜନାରେ ଅନିୟମିତତା ଓ ଉନ୍ନୟନ କାର୍ଯ୍ୟ ନିମ୍ନମାନର ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀଙ୍କ ମନୋମୁଖୀ କାମ ଚାଲିଛି। ଆବଶ୍ୟକ ସ୍ଥାନ ବଦଳରେ ଅନାବଶ୍ୟକ ଜାଗାରେ ରାସ୍ତାକାମ, ବିନା ପଲ୍ଲିସଭାରେ କାମ କରାଯାଉଛି। ଏନେଇ ଗୁରୁବାର ଅଞ୍ଚଳବାସୀ ସ୍ୱତନ୍ତ୍ର କାର୍ଯ୍ୟରେ ଆସିଥିବା ବ୍ଲକ ଅଧକ୍ଷା ନମିତା ମାଝି, ଉପାଧକ୍ଷ ମୁରଲି ଖରା, ଏବଂ ଏସିଓ ସୌଦାମିନୀ ପ୍ରଧାନଙ୍କୁ ଅବଗତ କରିଛନ୍ତି। ଗୁରୁବାର ବ୍ଲକ ପକ୍ଷରୁ ସ୍ଥାନୀୟ ୪ଟିପଞ୍ଚାୟତ ମାଥାଲପୁଟ, ଡୁମୁରିପଦର, ଲିଟିଗୁଡ଼ା ଓ ମରିଚମାଳ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ଅଧକ୍ଷା, ଉପାଧକ୍ଷ, ଏସିଓ, ଜିଲା ପରିଷଦ ସଭ୍ୟା ପୂର୍ଣ୍ଣିମା ଜାନି, ଏମ୍‌ପି ପ୍ରତିନିଧି ବାବୁଲା ବେନ୍ୟା, ଲିଟିଗୁଡ଼ା ସରପଞ୍ଚ କୁନି ଜାନି, ସମିତି ସଭ୍ୟା ରାଜେଶ୍ୱରୀ ହେମାଙ୍ଗିନୀ ବେନ୍ୟା, ପୂର୍ବତନ ସରପଞ୍ଚ ଦାମୋଦର ଜାନି, ପଞ୍ଚାୟତ ସଂଯୋଜକ ରାମା ଡୁରୁକ, ମାଥାଲପୁଟ ସରପଞ୍ଚ ଲକ୍ଷ୍ମଣ ମାଝି, ସମିତିସଭ୍ୟା ସୁମିତ୍ରା ଗୁଣ୍ଠା, ମରିଚମାଳ ଓ ମାଥାଲପୁଟ ପିଇଓ ସୁନୀଲ ମହାରଣା, ଡୁମୁରିପଦର ପିଇଓ କେ. କେଶବ, ଲିଟିଗୁଡ଼ା ପିଇଓ ସୁରେନ୍ଦ୍ର ଟାକ୍ରି ଉପସ୍ଥିତ ଥିଲେ। ଏଥିରେ ନୂତନ ଭାବେ ମାଥାଲପୁଟର ୩୦, ଲିଟିଗୁଡ଼ାର ୧୮, ଡୁମୁରିପଦରର ୨୨ ଓ ମରିଚମାଳର ୪ ଜଣଙ୍କୁ ନୂତନ ଭାବେ ଭତ୍ତା ବଣ୍ଟନ କରାଯାଇଥିଲା। ପଞ୍ଚାୟତରେ ହେଉଥିବା ନିମ୍ନମାନର କାମ ଓ ଅନିୟମିତତା ଏବଂ ଯନ୍ତ୍ରୀଙ୍କ ମନୋମୁଖୀ କାର୍ଯ୍ୟ ବିଷୟରେ ଅଞ୍ଚଳବାସୀ ଅଭିଯୋଗ କରିବା ପରେ ଆଗାମୀ ବ୍ଲକସ୍ତରୀୟ ମିଟିଂରେ ଏହି ବିଷୟ ଉପସ୍ଥାପନ କରାଯିବ ବୋଲି ବ୍ଲକ ଅଧକ୍ଷା ମାଝି କହିଛନ୍ତି।

## ■ ସାବିତ୍ରୀଙ୍କ କ୍ଷୋଭଭରା ପ୍ରଶ୍ନ

# ୭୫ ହେଲାଣି, କେଉଁ ବୟସରେ ମିଳିବ ଆବାସ

କୁନ୍ଦୁରା,୨୨।୮(ଡି.ଏନ୍.ଏ.)

ବୟସ ପ୍ରାୟ ୭୫ ପାଖାପାଖି। ଚାଲିବାକୁ ଅସମର୍ଥ ହୋଇପଡିଥିବା ସତ୍ତ୍ୱେ ଜୀବନ ଯୁଦ୍ଧରେ ହାରି ନ ଯାଇ ଧଇଁସଇଁ ହୋଇ ବଞ୍ଚିଛନ୍ତି, ଚାଲିଛନ୍ତି ସାବିତ୍ରୀ। କୋରାପୁଟ ଜିଲା କୁନ୍ଦୁରା ବ୍ଲକ ନବଗଠିତ ପଖନାଗୁଡା ସଦର ମହକୁମାର ସାବିତ୍ରୀ ବିଷୋୟୀ। ଭଙ୍ଗାରୁଜା ଅବସ୍ଥାରେ ରହିଥିବା ଏକ ନୁଆଣିଆ ଚାଳଘରେ ଦୀର୍ଘ ଦୁଇ ଦଶନ୍ଧି ଧରି ସେ ରହି ଆସୁଛନ୍ତି। ଖାଇଲୁ କି ବୋଲି ପଚାରିବା ପାଇଁ କେହି ନାହାନ୍ତି। ସାବିତ୍ରୀ ବର୍ତ୍ତମାନ ଏକାକୀ ଅସହାୟ ଅବସ୍ଥାରେ ରହୁଥିବା ବେଳେ ନିଜେ ଖଟିଲେ ପେଟକୁ ଖାଇବା ଯାଉଛି। ବ୍ଲକ ପ୍ରଶାସନ, ପଞ୍ଚାୟତ, ସରପଞ୍ଚ ସମସ୍ତେ ତାଙ୍କୁ ଉପରଠାଉରିଆ ସମବେଦନ, ପ୍ରତିଶ୍ରୁତି ଦେଇଚାଲିଛନ୍ତି।

କୁନ୍ଦୁରା ବ୍ଲକ ବାଣ୍ଡୁଆଗୁଡ଼ା ପଞ୍ଚାୟତରେ ସାବିତ୍ରୀ ବିବାହ କରିଥିବା ବେଳେ ସ୍ୱାମୀଙ୍କ ମୃତ୍ୟୁ ପରେ ସେ ପଖନାଗୁଡ଼ାଠାରେ ୪୦ ବର୍ଷରୁ ଉର୍ଦ୍ଧ୍ୱ ହେବ ରହୁଥିବା ଗ୍ରାମର ମୁଖିଆ ନରେନ୍ଦ୍ର ପ୍ରଧାନ କହିଛନ୍ତି। ବାଲ୍ୟ ଅବସ୍ଥାରେ ବିଧବା ହୋଇଥିବା ବେଳେ ନିଜର ବୋଲି ଆଉ କେହି ନାହାନ୍ତି। ସାହି ପଡୋଶୀଙ୍କ ଆଶାରେ ଜୀବନ ବିତାଉଛନ୍ତି ସାବିତ୍ରୀ। ଗତବର୍ଷ ଶୀତଦିନେ ଘରେ ଶୋଇଥିବା ବେଳେ ଚାଳଘରେ ନିଆଁ ଲାଗିଯାଇଥିଲା। ଜୀବନ ବର୍ତ୍ତିଗଲା ସତ, କିନ୍ତୁ ଗୋଟିଏ ଗୋଡ଼ ପୋଡିଯିବାରୁ ଭିନ୍ନକ୍ଷମ ପାଲଟି ଯାଇଛନ୍ତି ସାବିତ୍ରୀ। ସରକାରଙ୍କ ଯୋଜନା ମୁତାବକ ବାର୍ଦ୍ଧକ୍ୟ ଭତ୍ତା ୫ଶହ ଟଙ୍କା ଏବଂ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ୫ କେଜି ଚାଉଳ। ଏତିକିରେ ସେ ଜୀବନ କାଟୁଛନ୍ତି। ୨୦୧୧ ସର୍ବେକ୍ଷଣ ଅନୁଯାୟୀ ଏସିସିସି ତାଲିକାରେ ନାମ ନ ଥିବା ଯୋଗୁ ସେ ଆବାସ ଯୋଜନାରୁ ବଞ୍ଚିତ ରହୁଥିବା ସ୍ୱୀକାର କରିଛି ପ୍ରଶାସନ। ଖାଲି ସେତିକି ନୁହେଁ ଏସିସିସି ତାଲିକାରେ ସାଧାରଣ, ଏସ୍‌ସି, ଏସ୍‌ଟିଙ୍କୁ ସ୍ଥାନିତ କରିବାରେ ତ୍ରୁଟି ରହିଥିବା ଯୋଗୁ ସାବିତ୍ରୀଙ୍କୁ ମଧ୍ୟ ଏହାର ଫଳ ଭୋଗିବାକୁ ପଡୁଛି। ଏଭଳି ତ୍ରୁଟିକୁ ବ୍ଲକ ପ୍ରଶାସନ ଜଣାଇଥିଲେ ଜିଲାପାଳ କିମ୍ବା ପ୍ରକଳ୍ପ ନିର୍ଦ୍ଦେଶକ ଏହାର ସଂଶୋଧନ କରିପାରିଥାନ୍ତେ। କିନ୍ତୁ ବ୍ଲକ ପ୍ରଶାସନର ଚରମ ଅବହେଳା ଯୋଗୁ ସାବିତ୍ରୀଙ୍କ ଭଳି ଅନେକ ଗରିବ ହିତାଧିକାରୀ ଆବାସ ଯୋଜନାରୁ ବଞ୍ଚିତ ରହୁଛନ୍ତି।


ଜରାଜୀର୍ଣ୍ଣ କୁଡ଼ିଆ ଆଗରେ ସାବିତ୍ରୀ।



ସବୁ ସଦ୍‌ଗୁଣର ମଜଭୁତ ମୂଳଦୁଆ ହେଲା ନମ୍ରତା।

-କନ୍‌ଫୁସିଅସ୍



## ସଂକ୍ଷେପରେ

### ୨୦ ଦାଦନ ଶ୍ରମିକ ଉଦ୍ଧାର

ଉମରକୋଟ,୨୨।୮(ଡି.ଏନ.ଏ):ଛତିଶଗଡରୁ ବିଶାଖାପାଟଣା ଦାଦନ ଖଟିବା ପାଇଁ ଶ୍ରମିକମାନେ ବସରେ ଯାଉଥିବା ବେଳେ ଖବର ପାଇ ଉମରକୋଟ ପୋଲିସ ଚଢାଉ କରି ୨୦ ଜଣଙ୍କୁ ଉଦ୍ଧାର କରିଛି। ସେମାନଙ୍କ ମଧ୍ୟରେ ୨ ଜଣ ନାବାଳକ ଓ ଜଣେ ଯୁବତୀ ରହିଛନ୍ତି । ଛତିଶଗଡ କୋଣ୍ଡାଗାଁରୁ ଶ୍ରମିକମାନେ ବିଶାଖାପାଟଣା ଦାଦନ ଖଟିବାକୁ ବସରେ ଯାଉଥିଲେ। ଖବର ପାଇ ଉମରକୋଟ ଆଇଆଇସି ଉମେଶ ଚନ୍ଦ୍ର ସାହୁଙ୍କ ନିର୍ଦ୍ଦେଶରେ ଏସଆଇ ପ୍ରଶାନ୍ତ ସେଠୀ, ପର୍ଶୁରାମ ସାହୁଙ୍କ ନେତୃତ୍ୱରେ ପୋଲିସ ଟିମ ବଡଭରଣ୍ଡି ନିକଟରେ ବସ ଅଟକାଇ ଶ୍ରମିକମାନଙ୍କୁ ଉଦ୍ଧାର କରିଥିଲେ। ଶ୍ରମିକମାନେ ସମସ୍ତେ ଓଡିଶା ଓ ଛତିଶଗଡ ସୀମାନ୍ତ ଗ୍ରାମର। ବସ ଯୋଗେ ବିଶାଖାପାଟଣା ଯାଇ ସେଠାରୁ ଟ୍ରେନ ଯୋଗେ ବିଭିନ୍ନ ସ୍ଥାନକୁ ଦାଦନ ଖଟିବାକୁ ଯାଇଥାନ୍ତେ ବୋଲି ଜଣାପଡିଛି। ଉମରକୋଟରୁ ବାହାର ରାଜ୍ୟକୁ ଯାଉଥିବା ବସକୁ ଏଣିକି ନିୟମିତ ଯାଞ୍ଚ କରାଯିବ ଏବଂ ଦାଦନ ଚାଲାଣ ରୋକିବାକୁ ପଦକ୍ଷେପ ନିଆଯିବ ବୋଲି ଆଇଆଇସି ରମେଶ ଚନ୍ଦ୍ର ସାହୁ କହିଛନ୍ତି।

### ଶିକ୍ଷଣ କାର୍ଯ୍ୟକ୍ରମ

ଜୟପୁର,୨୨।୮(ନି.ପ୍ର.): ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପର୍ଯ୍ୟଟନ ଓ ସେବା ବିଭାଗ ତରଫରୁ ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପାଇଁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ଏକ ହୋଟେଲର ପରିଚାଳକ ତ୍ରିଲୋଚନ ମହାପାତ୍ର ପ୍ରଶିକ୍ଷକ ଭାବେ ଯୋଗଦେଇ ପ୍ରାୟ ୬୦ ଜଣ ଛାତ୍ରୀଛାତ୍ରଙ୍କୁ ହୋଟେଲ ଶିଳ୍ପ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନରେ କିପରି ସହାୟକ ହୋଇପାରିବ ବିଷୟରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ଶିକ୍ଷକ ଦିଲୀପ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ସେଣ୍ଟମ ୱାର୍କ ସ୍କିଲସ୍ ଇଣ୍ଡିଆ ତରଫରୁ ନିଯୁକ୍ତ ବୈଷୟିକ ପ୍ରଶିକ୍ଷିକା ସୁବର୍ଣ୍ଣ କୁମାରୀ ଖିଲ ପରିଚାଳନା କରିଥିଲେ।

### ଆଇନ ସଚେତନତା ଶିବିର

ଦାମନଯୋଡ଼ି,୨୨।୮(ସ୍ୱ.ପ୍ର.): ଦାମନଯୋଡ଼ି ସ୍ଥିତ ଶିରିଡ଼ି ସାଇ ମନ୍ଦିର ପ୍ରାଙ୍ଗଣରେ କୋରାପୁଟ ଜିଲା ମା' ଘର ଆନୁକୂଲ୍ୟରେ ସ୍ଥାନୀୟ ଅଞ୍ଚଳର ପ୍ରାୟ ୨୦୦ ମା' ଘର ସଦସ୍ୟାଙ୍କୁ ନେଇ ଏକ ଆଇନ ସଚେତନତା ତଥା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ମହିଳା ଓ ଶିଶୁଙ୍କ ପାଇଁ ଥିବା ସରକାରୀ ସୁବିଧା ସୁଯୋଗ ତଥା ଆଇନ ବ୍ୟବସ୍ଥା ସମ୍ପର୍କରେ ସାମାଜିକ କର୍ମୀ, ଆଇନଜୀବୀ ତଥା ମା' ଘର ଅଧ୍ୟକ୍ଷା ଋତୁପର୍ଣ୍ଣା ମହାନ୍ତି ଉପସ୍ଥିତ ମହିଳାଙ୍କୁ ସଚେତନ କରାଇଥିଲେ। ଶିବିରରେ କୋରାପୁଟ ଜିଲା ମା'ଘର ସଭାନେତ୍ରୀ ପ୍ରଭାତି ରାଉତ, ସମ୍ପାଦିକା ସୂର୍ଯ୍ୟସ୍ମିତା ସ୍ୱାଇଁ, ଉପସଭାନେତ୍ରୀ ଭାରତୀ ମିଶ୍ର, ଯୁଗ୍ମ ସମ୍ପାଦିକା କନକଲତା ବରାଡ଼, ଜିଲା ସଂଯୋଜକ ତଥା ଉପଦେଷ୍ଟା ପ୍ରଭାକର ହନ୍ତାଳ, କୋରାପୁଟ ଜିଲା ମାଳି ସମାଜ ସଭାପତି ଦାଶରଥୀ ମାଳି, ଜିଲା ଉପଦେଷ୍ଟା ମୁରଲିଧର ବରାଡ଼ ଉପସ୍ଥିତ ଥିଲେ। ନିଶା ଓ ହିଂସାମୁକ୍ତ ପରିବାର, ସମାଜ, ବାଲ୍ୟ ବିବାହ, ନାବାଳିକାଙ୍କ ପ୍ରତି ଅତ୍ୟାଚାର, ଯୌତୁକ ନିର୍ଯାତନା ରୋକିବା ପାଇଁ ଏଥିରେ ଆହ୍ୱାନ ଦିଆଯାଇଥିଲା।

■ ଡିଜିଟାଲ ଡିସ୍‌ପେନସାରି କର୍ମଚାରୀଙ୍କ ବକେୟା ଦରମା ଘଟଣା

# ପୁଣି ଜିଲା ଶ୍ରମ ଅଧିକାରୀଙ୍କ ଦ୍ୱାରସ୍ଥ ହେଲେ କର୍ମଚାରୀ

ନବରଙ୍ଗପୁର,୨୨।୮(ବି.ପ୍ର.)

ଡିଜିଟାଲ ଡିସପେନସାରୀ କର୍ମଚାରୀଙ୍କ ବକେୟା ଦରମାକୁ ନେଇ ଗ୍ଲୋବାଲ ହେଲଥ କେୟାର ସଂସ୍ଥା ଦେଇଥିବା ପ୍ରତିଶ୍ରୁତି ପାଳନ ନ କରିବାରୁ ଗୁରୁବାର ପୁଣି ଜିଲା ଶ୍ରମ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି କର୍ମଚାରୀ। ବକେୟା ଦରମା ଓ ପ୍ରାପ୍ୟ ଯୋଗାଇ ଦିଆନଯାଏ ତେବେ ଆଇନଗତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ଶ୍ରମ ଅଧିକାରୀ ନରେନ୍ଦ୍ର ଗଇପାଇ କହିଛନ୍ତି।

ଜିଲାର ଦୁର୍ଗମ ଅଞ୍ଚଳରେ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ରାଜ୍ୟ ସରକାର ଗ୍ଲୋବାଲ ହେଲ୍‌ଥ କେୟାର ସହିତ ଚୁକ୍ତି କରିଛନ୍ତି । ଜିଲାରେ ୨୨ଟି ଡିଜିଟାଲ ଡିସପେନସାରୀ ଖୋଲାଯାଇଛି। ଏଥିରେ କାର୍ଯ୍ୟରତ ଫାର୍ମାସିଷ୍ଟ, ଏଏନଏମ, ଜିଏନଏମ ଓ ଅଫିସ ଆସିଷ୍ଟାଣ୍ଟମାନଙ୍କୁ ୫/୬ ମାସ ହେବ ଦରମା ମିଳି ନ ଥିଲା। ଏ ନେଇ ଜିଲା ଶ୍ରମ ଅଧିକାରୀଙ୍କ ନିକଟରେ କର୍ମଚାରୀ ଅଭିଯୋଗ କରିଥିଲେ। ଜିଲା ଶ୍ରମ ଅଧିକାରୀ ଗ୍ଲୋବାଲ ହେଲ୍‌ଥ କେୟାର ସିଇଓଙ୍କୁ ଉପସ୍ଥିତ ରହି ଦ୍ୱିପାକ୍ଷିକ ଆଲୋଚନା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସିଇଓଙ୍କ ପରିବର୍ତ୍ତେ ସଂସ୍ଥାର ଓଡିଶାର ମୁଖ୍ୟ ଆସୁତୋଷ ଶ୍ରୀବାସ୍ତବ ଜିଲା ଶ୍ରମ ଅଧିକାରୀଙ୍କ ନିକଟରେ ଉପସ୍ଥିତ ହୋଇଥିଲେ। ଡିଜିଟାଲ ଡିସପେନସାରୀ କର୍ମଚାରୀଙ୍କ ଉପସ୍ଥିତିରେ ଦ୍ୱିପାକ୍ଷିକ ଆଲୋଚନା ହୋଇଥିଲା । ଆଲୋଚନାରେ ଅଗଷ୍ଟ ୧୫ ତାରିଖ ସୁଦ୍ଧା ଗୋଟିଏ ମାସର ଦରମା, ସେପ୍ଟେମ୍ବର ମାସରେ ଗୋଟି ମାସର ବକେୟା ଦରମା ସହ ଅଗଷ୍ଟ ମାସର ଦରମା ପ୍ରଦାନ କରାଯିବ । ନିୟମିତ ମାସିକ ଦରମା ସହ ନଭେମ୍ବର ମାସ ସୁଦ୍ଧା ରହିଥିବା ବକେୟା ଦରମା ଗୁଡିକ ପ୍ରଦାନ କରାଯିବ ବୋଲି ଶ୍ରୀବାସ୍ତବ କହିଥିଲେ । ତେବେ ସଂସ୍ଥା ୩୧ ଜଣଙ୍କ ଗୋଟିଏ ମାସର ଦରମା ଦେଇ ଅନ୍ୟମାନଙ୍କୁ ଦରମା ଦେବାରୁ ବଞ୍ଚିତ କରିଛନ୍ତି। ଏନେଇ କର୍ମଚାରୀମାନେ ପୁନର୍ବାର ଜିଲା ଶ୍ରମ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଜୁଲାଇ ମାସ ସୁଦ୍ଧା ୭୪ ଜଣ କର୍ମଚାରୀଙ୍କ ୨୮ ଲକ୍ଷ ୬୦ ହଜାର ୭୩୯ ବକେୟା ଟଙ୍କା ପାଇନଥିବା ତାଲିକା ସହ ଜଣାଇଥିଲେ । ସମସ୍ତ ତଥ୍ୟ କର୍ମଚାରୀମାନେ ଦେବା ପରେ ଗ୍ଲୋବାଲ ହେଲଥ କେୟାର ଆଲୋଚନାରେ ଦେଇଥିବା ପ୍ରତିଶ୍ରୁତି ପାଳନ କରି ନାହିଁ । କର୍ତ୍ତୃପକ୍ଷଙ୍କୁ ୭ ଦିନ ମଧ୍ୟରେ ସମସ୍ତ ବକେୟା ଦରମା ଦେବାକୁ କୁହାଯିବ । ବକେୟା ଦରମା ଓ ପ୍ରାପ୍ୟ ଯୋଗାଇ ଦିଆନଯାଏ ତେବେ ଆଇନଗତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ଶ୍ରମ ଅଧିକାରୀ ନରେନ୍ଦ୍ର ଗଇପାଇ କହିଛନ୍ତି।



ଜିଲା ଶ୍ରମ ଅଧିକାରୀଙ୍କୁ ଅଭିଯୋଗ କରିବାକୁ ଆସିଥିବା କର୍ମଚାରୀ।

> ■ ଗ୍ଲୋବାଲ ହେଲଥ କେୟାର ସଂସ୍ଥା ରଖିଲାନି ପ୍ରତିଶ୍ରୁତି
> ■ ୩୧ ଜଣଙ୍କୁ ମିଳିଲା ଗୋଟିଏ ମାସର ଦରମା
> ■ ୭ ଦିନ ମଧ୍ୟରେ ଦରମା ଦିଆନଗଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ

# ପୁରୁଣା ମେଡିକାଲ ପାଲଟିଛି ଅସାମାଜିକଙ୍କ ଆଡ୍ଡା

ଚନ୍ଦାହାଣ୍ଡି,୨୨।୮(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଧୁରୁଆପଡାସ୍ଥିତ ନୂତନ ଗୃହକୁ ସ୍ଥାନାନ୍ତର ହେବା ପରେ ଚନ୍ଦାହାଣ୍ଡି ସଦର ମହକୁମାରେ ଅବସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପୁରୁଣା କୋଠା ଏବେ ଭୂତକୋଠି ପାଲଟିଛି । ଏହା ଏବେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି । ବସିବା ପାଇଁ ଉଦ୍ଦିଷ୍ଟ ସିମେଣ୍ଟ ଚେୟାରରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ମଦ୍ୟପଙ୍କ ଆସର ଜମୁଛି । ଚନ୍ଦାହାଣ୍ଡି ସହରର ମଧ୍ୟଭାଗରେ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅବସ୍ଥିତ । ନୂତନ ମେଡିକାଲ ପାଇଁ ସେଠାରେ ସ୍ଥାନ ଅଭାବରୁ ସହରର ଚାରି କିଲୋମିଟର ଦୂର ଧୁରୁଆପଡା ପାଖରେ ନୂତନ ମେଡିକାଲ କୋଠା ନିର୍ମାଣ କରାଯାଇ ସେଠାରେ କାର୍ଯ୍ୟକ୍ଷମ ହେଲା । ପୁରୁଣା କୋଠାରୁ କିଛି ଆବଶ୍ୟକ ସରଞ୍ଜାମ ସେଠାକୁ ନିଆଗଲା । ପୁରୁଣା କୋଠାର ପରିସରରେ ଅଳ୍ପ କେତେକ କର୍ମଚାରୀ ରହୁଥିବା ବେଳେ ସମସ୍ତ ଡାକ୍ତର ନୂଆ ମେଡିକାଲ କୋଠାକୁ ଯାଇ ରହିଥିଲେ । ନୂଆମେଡିକାଲ ଏବେ ସହରଠୁ ୪କି.ମି. ଦୂରକୁ ଚାଲି ଯାଇଥିବାରୁ ରୋଗୀ ହଇରାଣ ହେଉଛନ୍ତି ।ହଠାତ୍ କୌଣସି ଜରୁରୀ କାଳୀନ ଚିକିତ୍ସା ପାଇଁ ଆବଶ୍ୟକ ହେଲେ ଲୋକେ ଏବେ ମେଡିକାଲ ଦୂରରେ ଥିବା ଯୋଗୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୁରୁଣା ମେଡିକାଲ ପରିସର ଏବେ ମୁକ୍ତ ଶୌଚାଳୟ ପାଲଟିଥିବା ବେଳେ ଅସୁରକ୍ଷିତ କୋଠାଗୁଡିକ ଭୟର ବାତାବରଣ କରୁଛି । ପରିସରରେ ଗୁଟଖା ଜରି, ମଦ ବୋତଲ ଗଦା ହେବାରେ ଲାଗିଛି । ପୁରୁଣା ମେଡିକାଲ କୋଠାରେ ଅନ୍ତତଃପକ୍ଷେ ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କରାଗଲେ ଲୋକେ ଜରୁରୀକାଳୀନ ଚିକିତ୍ସା ପାଇ ପାରନ୍ତେ। ପୁରୁଣା କୋଠାରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କରିବା ପାଇଁ ସ୍ଥାନୀୟ ଏମ୍‌ପି, ବିଧାୟକ ଏବଂ ପ୍ରଶାସନ ପାଖରେ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି ।



ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପୁରୁଣା ଗୃହ ।

### ବିଲରୁ ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣା

## ମାସେ ପରେ ବି ମିଳିନି ପରିଚୟ

ବ୍ରହ୍ମପୁର ଅଫିସ,୨୨।୮

ଗୋଷାଣୀନୂଆଗାଁ ପୋଲିସ ନୂଆଖଜୁରିଆ ନିକଟ ଏକ କ୍ଷେତରୁ ଜୁଲାଇ ୧୫ରେ ଜଣେ ଅଜଣା ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର କରିଥିଲା। ଘଟଣାର ମାସେ ବିତି ଯାଇଥିଲେ ମଧ୍ୟ ମୃତକଙ୍କ ପରିଚୟ ପୋଲିସ ସ୍ପଷ୍ଟ କରିପାରିନାହିଁ। ଯୁବକଙ୍କ ପରିଚୟ ମିଳିଲେ ଘଟଣା ସ୍ପଷ୍ଟ ହେବ ବୋଲି ପୋଲିସ ଅନୁମାନ କରୁଛି। ସେପଟେ ଭିସେରା ରିପୋର୍ଟ ମିଳିବା ପରେ ଯୁବକଙ୍କ ମୃତ୍ୟୁର କାରଣ ଜଣାପଡିବ ବୋଲି ଜଣାପଡିଛି। ସୂଚନାଯୋଗ୍ୟ, ଜୁଲାଇ ୧୫ରେ ଜଣେ ଚାଷୀ ନିଜ କ୍ଷେତକୁ ଯିବା ବେଳେ ନିକଟସ୍ଥ ଏକ କ୍ଷେତରେ ମୃତଦେହ ପଡିଥିବା ଦେଖି ଗୋଷାଣୀନୂଆଗାଁ ଥାନାରେ ଖବର କରିଥିଲେ। ପୋଲିସ ମୃତଦେହ ଜବତ କରି ନଂ.୧୧/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା।

■ ମୋବାଇଲରେ କଥା ହୋଇ ଗାଡି ଚଳାଇବା ମହଙ୍ଗା ପଡ଼ିଲା

# ଡ୍ରାଇଭରଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ

ଡାବୁଗାଁ,୨୨।୮(ଡି.ଏନ.ଏ.)

ଡାବୁଗାଁ ବ୍ଲକ ସଦର ମହକୁମାସ୍ଥିତ ଡାବୁଗାଁ ଥାନା ସମ୍ମୁଖରେ ଜିଲା ଆଞ୍ଚଳିକ ପରିବହନ ବିଭାଗ ଓ ପୋଲିସ ପକ୍ଷରୁ ଗୁରୁବାର ମିଳିତ ଭାବେ ଯାନବାହାନ ଯାଞ୍ଚ କରାଯାଇଛି । ହେଲମେଟ, ଡ୍ରାଇଭିଂ ଲାଇସେନ୍ସ, ଇନ୍‌ସୁରାନ୍ସ ଓ ବିଭିନ୍ନ କାଗଜପତ୍ର ଯାଞ୍ଚ କରାଯାଇଥିଲା। ୬୦ ଟି ଗାଡିର କାଗଜପତ୍ରରେ ତ୍ରୁଟି ଓ ହେଲମେଟ ନଥିବାରୁ ଗାଡିକୁ ଜବତ କରାଯାଇ ଚାଳକଙ୍କ ଠାରୁ ମୋଟ ୧୯ ହଜାର ୩୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା । ଜଣେ ଗାଡି ଚାଳକ ଗାଡି ଚଳାଇବା ବେଳେ ମୋବାଇଲରେ କଥା ହେଉଥିବା କାରଣରୁ ତାଙ୍କ ଡ୍ରାଇଭିଙ୍ଗ ଲାଇସେନ୍ସ ଜବତ କରାଯାଇ ରଦ୍ଦ କରାଯାଇଛି । ଏହି ଯାଞ୍ଚ ସମୟରେ ଏମଭିଆଇ ବିଜୟ କୁମାର ବେହୁରିଆ, ଆଇଆଇସି ମୁନି ଆଚାରୀ, ସବଇନ୍ସପେକ୍ଟର ଫକୀର ମୋହନ ଖୁରା, ଏଏସଆଇ ସଲମନ ଭୂୟାଁ ଙ୍କ ସମେତ ପରିବହନ ବିଭାଗ ଓ ପୋଲିସ କର୍ମଚାରୀ ମାନେ ସାମିଲ ଥିଲେ ।

# ଡାକ୍ତରଖାନା, ମହାବିଦ୍ୟାଳୟ ପରିଦର୍ଶନ କଲେ ବିଧାୟକ

ଉମରକୋଟ,୨୨।୮(ଡି.ଏନ.ଏ)

ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପେଣ୍ଡ୍ରାଣୀ ମହାବିଦ୍ୟାଳୟ ଗୁରୁବାର ବିଧାୟକ ନିତ୍ୟାନନ୍ଦ ଗଣ୍ଡ ପରିଦର୍ଶନ କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନେ ଆବଶ୍ୟକୀୟ ସୁବିଧା ପାଇ ପାରୁଛନ୍ତି କି ନାହିଁ ପଚାରି ବୁଝିଥିଲେ। ପରେ ଚିକିତ୍ସାଳୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଡାକ୍ତରଖାନା ପରିସରରେ ରକ୍ତଭଣ୍ଡାର ପ୍ରତିଷ୍ଠା ପାଇଁ ପ୍ରୟାସ କରିବାକୁ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଚିକିତ୍ସାଳୟ ପରିବେଶ ଅପରିଷ୍କାର ଥିବାରୁ ଅସନ୍ତୋଷ ପ୍ରକାଶ କରିବା ସହ ତୁରନ୍ତ ସଫା କରିବାକୁ ପରାମର୍ଶ ଦେଇଥିଲେ। ଏହା ପରେ ପେଣ୍ଡ୍ରାଣୀ ମହାବିଦ୍ୟାଳୟର ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ଓ ଛାତ୍ରୀନିବାସ ପରିଦର୍ଶନ କରିଥିଲେ। ଦୀର୍ଘ ଦିନ ଧରି ହଷ୍ଟେଲ ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଥିଲେ ମଧ୍ୟ ଏହା କାର୍ଯ୍ୟକ୍ଷମ ହୋଇ ନ ଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ଛାତ୍ରାବାସ ଓ ଛାତ୍ରୀନିବାସକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇ କଲେଜ ଅଧ୍ୟକ୍ଷା ଅନିତା ମାଝିଙ୍କ ସହ ଆଲୋଚନା କରିଥିଲେ।



ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଓ ଅନ୍ୟମାନେ ମହାବିଦ୍ୟାଳୟ ପରିଦର୍ଶନ କରୁଛନ୍ତି ।

■ ଜିଲା ଶିକ୍ଷାଧିକାରୀଙ୍କ ଅଚାନକ ତେନ୍ତୁଳିଖୁଣ୍ଟି ବ୍ଲକ ଗସ୍ତ

# ୫ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ

ତେନ୍ତୁଳିଖୁଣ୍ଟି,୨୨।୮(ଡି.ଏନ.ଏ)

ନବରଙ୍ଗପୁର ଜିଲା ଶିକ୍ଷାଅଧିକାରୀ (ଡିଇଓ)ଚନ୍ଦ୍ର ଶେଖର ପାଣିଗ୍ରାହୀ ଗୁରୁବାର ଅଚାନକ ତେନ୍ତୁଳିଖୁଣ୍ଟି ବ୍ଲକ ଗସ୍ତ କରିଥିଲେ। ୫ ଶିକ୍ଷୟିତ୍ରୀ, ଶିକ୍ଷକମାନେ ବିଳମ୍ବରେ ସ୍କୁଲ ଆସିଥିବାରୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ପ୍ରଥମେ ଟଭାପଦର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଡିଇଓ ଅଚାନକ ପହଞ୍ଚିଥିଲେ। ଜହନେଶ ପାତ୍ର ବାଘ ବିଦ୍ୟାଳୟରେ ଉପସ୍ଥିତ ନ ଥିବା ଏବଂ ଉପସ୍ଥାନ ଖାତାରେ ଯିବା ଆସିବା ଲେଖି ନ ଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ରିପୋର୍ଟରେ ତ୍ରୁଟି ଥିବା ଯୋଗୁ ସହକାରୀ ଶିକ୍ଷକ ବିଭୂତି ଭୂଷଣ ପତିଙ୍କୁ ମଧ କାରଣ ଦର୍ଶାଅ ନୋଟି ଜାରି କରିବାକୁ ବ୍ଲକ ଶିକ୍ଷାଧିକାରୀ ଟି. ମିନତୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପାନିଆରାଚୁପଦର ବିଦ୍ୟାଳୟର ଶିକ୍ଷକ ଭବାନୀଶଙ୍କର ପ୍ରଧାନୀ,ଅଞ୍ଚଳଗୁମ୍ମା ଉଚ୍ଚ ବିଦ୍ୟାଳୟର କନିଷ୍ଠ ଶିକ୍ଷୟିତ୍ରୀ ଯାଜ୍ଞସେନୀ ମାଝି, ଲାଡିଗୁଡା ନୂତନ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ସବିତା ସମରଥଙ୍କୁ ପୂର୍ବାହ୍ନ ୧୦ଟା ପରେ ରାସ୍ତାରେ ଡିଇଓ ଦେଖିଥିଲେ। ବିଦ୍ୟାଳୟରେ ଠିକ ସମୟରେ ପହଞ୍ଚି ନ ଥିବାରୁ ସେମାନଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ ଜାରୀ କରାଯାଇଛି। ବ୍ଲକ ଶିକ୍ଷାଧିକାରୀ ସମସ୍ତ ୫ ଜଣଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି।

# ନବରଙ୍ଗପୁର ଏସବିଆଇରେ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର କାଉଣ୍ଟର, ହ୍ୱିଲଚେୟାର ବ୍ୟବସ୍ଥା

ନବରଙ୍ଗପୁର,୨୨।୮(ବି.ପ୍ର.)

ନବରଙ୍ଗପୁର ଷ୍ଟେଟ ବ୍ୟାଙ୍କ (ଏସବିଆଇ) ଶାଖାରେ ଦିବ୍ୟାଙ୍ଗଙ୍କ ପାଇଁ ଏକ ସ୍ୱତନ୍ତ୍ର କାଉଣ୍ଟର ସହ ହ୍ୱିଲ ଚେୟାର ବ୍ୟବସ୍ଥା କରାଯାଇଛି । ବ୍ୟାଙ୍କରେ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ ବ୍ୟବସ୍ଥା ନାହିଁ । ସ୍ୱତନ୍ତ୍ର କାଉଣ୍ଟର, ର‍୍ୟାମ୍ପ ଓ ହ୍ୱିଲଚେୟାର ନଥିବା ଲାଗି ହିତାଧିକାରୀ ଲମ୍ବା ଧାଡିରେ ରହି ବହୁ ସମସ୍ୟାର ସମ୍ମୁଖିନ ହେଉଛନ୍ତି। ଏନେଇ ଜିଲା ଭିନ୍ନକ୍ଷମ ସଂଘର ସଭାପତି ସୁଜିତ କୁମାର ରଥ ଭିନ୍ନକ୍ଷମ ସଶକ୍ତି କରଣ ସଚିବଙ୍କୁ ଜଣାଇଥିଲେ। ଏନେଇ ସଚିବ ନବରଙ୍ଗପୁର ଏସବିଆଇ, ଲିଡ ବ୍ୟାଙ୍କ ମ୍ୟାନେଜରଙ୍କୁ ସ୍ୱତନ୍ତ୍ର ଭାବେ ଏକ ନିର୍ଦ୍ଦେଶନାମା ଦେଇଥିଲେ । ଏହାକୁ ନେଇ ଗୁରୁବାର ନବରଙ୍ଗପୁର ଏସବିଆଇ ଶାଖାରେ ଦିବ୍ୟାଙ୍ଗମାନଙ୍କ ପାଇଁ ହ୍ୱିଲଚେୟାର ଓ ସ୍ୱତନ୍ତ୍ର କାଉଣ୍ଟର ଖୋଲାଯାଇଛି। ଏହାକୁ ନେଇ ଜିଲା ଭିନ୍ନକ୍ଷମ ସଂଘର ସଭାପତି ଧନ୍ୟବାଦ ଜଣାଇଛନ୍ତି । ଅନ୍ୟ ସମସ୍ତ ବ୍ୟାଙ୍କରେ ଏହିଭଳି ସୁବିଧା ସୁଯୋଗ କରାଯିବାକୁ ଅନୁରୋଧ କରିଛନ୍ତି।




ବ୍ୟାଙ୍କରେ ଦିବ୍ୟାଙ୍ଗଙ୍କ ପାଇଁ ଖୋଲାଯାଇଥିବା ସ୍ୱତନ୍ତ୍ର କାଉଣ୍ଟର।

■ 'ଆମେ ନବରଙ୍ଗପୁରିଆ ସୋସିଆଲ ମିଡିଆ ଗ୍ରୁପ'ର ବାର୍ଷିକ ଉତ୍ସବ

# 'ଉଜ୍ଜୀବିତ ହୋଇପାରୁଛି କଳା, ସଂସ୍କୃତି, ପ୍ରତିଭା'

ନବରଙ୍ଗପୁର,୨୨।୮(ବି.ପ୍ର.)

'ଆମେ ନବରଙ୍ଗପୁରିଆ ସୋସିଆଲ ମିଡିଆ ଗ୍ରୁପ'ର ପ୍ରଥମ ବାର୍ଷିକ ଉତ୍ସବ ସ୍ଥାନୀୟ ଶାସ୍ତ୍ରୀ ଭବନରେ ବୁଧବାର ଅନୁଷ୍ଠିତ ହୋଇ ଯାଇଛି । ମୁଖ୍ୟ ଅତିଥି ଭାବେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ, ସମ୍ମାନିତ ଅତିଥି ଉପଜିଲାପାଳ କରୁଣାକର ରାଇକା, ଖ୍ରୀଷ୍ଟୟାନ ହସ୍ପିଟାଲର ସର୍ଜରୀ ବିଶେଷଜ୍ଞ ସନ୍ତୋଷ ନାଗ ଓ ସାମାଜିକ କର୍ମୀ ଜଗନ୍ନାଥ ମହାପାତ୍ର ଯୋଗ ଦେଇଥିଲେ । ଏହି ସୋସିଆଲ ମିଡିଆ ଜରୁରୀ କାଳୀନ ସ୍ଥିତିରେ ରୋଗୀଙ୍କୁ ରକ୍ତଦାନ କରିବା, ଜିଲାର କଳା ସଂସ୍କୃତି ଓ ପ୍ରତିଭା, ପରମ୍ପରା ଓ ପର୍ବପର୍ବାଣୀଙ୍କୁ ଉଜ୍ଜିବିତ କରିବାରେ ପ୍ରୟାସ କରି ଆସିଛି । ଜିଲା, ରାଜ୍ୟ ଓ ଦେଶରେ ଥିବା ସମସ୍ତ ନବରଙ୍ଗପୁରିଆଙ୍କୁ ଏହି ଗ୍ରୁପ ଗୋଟିଏ ବନ୍ଧନରେ ରଖିବାରେ ସଫଳ ହୋଇ ପାରିଛି ବୋଲି ଅତିଥି ଭାବେ ମତବ୍ୟକ୍ତ କରିଥିଲେ। ଏଥିରେ ନବରଙ୍ଗପୁର ଜିଲାକୁ ନିଜ ପ୍ରତିଭା ମାଧ୍ୟମରେ ସାରା ଦେଶରେ ଗର୍ବିତ କରିବା କିଛି ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା । ଗୃହରକ୍ଷୀ ଏ. ମହେଶ ଜଣେ ବ୍ୟକ୍ତିଙ୍କ ଜୀବନ ବଞ୍ଚାଇବାରେ ସହାୟକ ହୋଇଥିବାରୁ ତାଙ୍କୁ ସମ୍ମାନିତ କରାଯାଇଥିଲା । ସେହିଭଳି ଇପସିତା ଦାଶ ଇସ୍ରୋଠାରେ ଇ-ଗବେଷଣା ଉପରେ ବକ୍ତୃତା ଦେଇ ସମ୍ମାନିତ ହେବା, ପ୍ରେମାନନ୍ଦ ପରିଡା ଇଟାଲିଠାରେ କିକ ବକ୍ସିଂରେ ବ୍ରୋଞ୍ଜ ପଦକ ପାଇଛନ୍ତି । ସେହିଭଳି ଉପେନ୍ଦ୍ର ପୂଜାରୀ ଗୁଜୁରାଟ ଜାତୀୟ ସନ୍ତରଣ ପ୍ରତିଯୋଗୀତାରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି । ରକ୍ତଦାନ କ୍ଷେତ୍ରରେ ଆଦିତ୍ୟ ବିକ୍ରମ ତିପାଠୀ, ଡାକ୍ତର ସୁଦାମ ଷଡଙ୍ଗୀ (ଭୁବନେଶ୍ୱର ଏମସ ଠାରେ ବିଶେଷଜ୍ଞ ଭାବେ କାର୍ଯ୍ୟରତ)ଙ୍କୁ ଅତିଥି ମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା । ଏହା ସମେତ ଜିଲାରେ ଉନ୍ନତି ଓ ପରିବର୍ତ୍ତନ ଆଣିବାରେ ସହାୟକ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତି ବିଶେଷ ସାମାଜିକ କର୍ମୀ ଜଗନ୍ନାଥ ମହାପାତ୍ର, ଯୁବ ଗୋଷ୍ଠୀଙ୍କୁ ଉଚିତ ପଥ ଦେଖାଇବା ଲାଗି ଲଲାଟେନ୍ଦୁ ପାତ୍ର, ଚିକିତ୍ସା କ୍ଷେତ୍ରରେ ଡାକ୍ତର ସନ୍ତୋଷ କୁମାର ନାଗଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ଏହି ଗ୍ରୁପରେ ଗତ ଦିନରେ ହୋଇଥିବା ସଙ୍ଗୀତ ଓ ବକ୍ତୃତା ପ୍ରତିଯୋଗୀତାରେ ଭାଗ ନେଇଥିବା କୁନି କୁନି ପିଲାମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଯୁଗଳ କିଶୋର ତ୍ରିପାଠୀଙ୍କ ଦ୍ୱାରା ଓ ମଣ୍ଡେଇ ଗ୍ରୁପର କୁନି କୁନି କଳାକାର ଏବଂ ଆଶୋକପାତ୍ରଙ୍କ ନିର୍ଦ୍ଦେଶନାରେ ସଂସ୍କୃତି କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା । ଆମେ ନବରଙ୍ଗପୁର ସୋସିଆଲ ମିଡିଆ ଗ୍ରୁପର ସମସ୍ତ କର୍ମକର୍ତ୍ତା ଦେବଦାଶ ମହାଙ୍କୁଡ, ରାମ ଚନ୍ଦ୍ର ସିଂ, ଫାଲଗୁନି ପାତ୍ର, ବିକ୍ରମ ଦାଶ, ଆନନ୍ଦଦାଶ, ସଂଜୀବ ପଣ୍ଡା, ପ୍ରଜ୍ଞା ରଥ, କୁମାର ଇତିଶ୍ରୀ ପରିଛା, ସୁଚନ୍ଦା ଘୋଷ, ଶ୍ରୀକାନ୍ତ କୁମାର ପଣ୍ଡା, ଜି.ଭି. ରବି କୁମାର ଓ ସମିର ପାତ୍ର ଏହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ। ଆଗାମି ଦିନରେ ନବରଙ୍ଗପୁରରେ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟକ୍ରମରେ ସହଯୋଗ କରିବାରେ ସହାୟକ ହେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।



ଅତିଥିମାନେ ଲଲାଟେନ୍ଦୁ ପାତ୍ରଙ୍କୁ ମାନପତ୍ର ପ୍ରଦାନ କରୁଛନ୍ତି।

> ■ ପ୍ରତିଭା ସମ୍ପନ୍ନ ବ୍ୟକ୍ତିଙ୍କୁ କରାଗଲା ସମ୍ମାନିତ
> ■ ଏହି ଗ୍ରୁପ ସମସ୍ତ ନବରଙ୍ଗପୁରବାସୀଙ୍କୁ ଗୋଟିଏ ବନ୍ଧନରେ ରଖିଛି




■ ମଧ୍ୟାହ୍ନ ଭୋଜନ ଖାଇ ଆବାସିକ ବିଦ୍ୟାଳୟ ଛାତ୍ରୀ ଅସୁସ୍ଥ ଘଟଣା

# ଘଟଣାର ପୁନରାବୃତ୍ତି ନ କରିବାକୁ ତାଗିଦ୍

## ତଦନ୍ତ କରି ଫେରିଲେ ବିଭାଗୀୟ ଅଧିକାରୀ

ଚିତ୍ରକୋଣ୍ଡା, ୨୨।୮(ଡି.ଏନ୍.ଏ.)

ଚିତ୍ରକୋଣ୍ଡା ପଞ୍ଚାୟତ ଟେମ୍ପରାରି କଲୋନୀ ପ୍ରାଥମିକ ଆବାଶିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଖାଇ ୩୩ ଛାତ୍ରୀ ଅସୁସ୍ଥ ହେବା ଘଟଣାରେ ବିଭାଗୀୟ ଉଚ୍ଚାଧିକାରୀ ଘଟଣାର ତଦନ୍ତ କରିଛନ୍ତି। ଖାଦ୍ୟ ପରିଚାଳନା ଦାୟିତ୍ୱରେ ଥିବା ଶିକ୍ଷକ ଓ ବିଦ୍ୟାଳୟ ର ଦାୟିତ୍ୱରେ ମାଟ୍ରନ, ରୋଷୟା ସମସ୍ତଙ୍କୁ ତାଗିଦ କରିବା ସହ ଏଭଳି ଘଟଣାର ପୁନରାବୃତ୍ତି ନ ଘଟାଇବାକୁ ତାଗିଦ୍ କରିଛନ୍ତି।

ପ୍ରକାଶ ଯେ, ୧୯ ତାରିଖରେ ମଧ୍ୟାହ୍ନ ଭୋଜନ ଖାଇ ୩୩ ଛାତ୍ରୀ ଅସୁସ୍ଥ ହୋଇଥିଲେ। ସେମାନଙ୍କୁ ଚିତ୍ରକୋଣ୍ଡା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ୨୦ ତାରିଖରେ ଛାତ୍ରୀମାନେ ସୁସ୍ଥ ହୋଇ ଫେରିଥିଲେ। ପରେ ଡିଇଓ ରମେଶ ଚନ୍ଦ୍ର ସେଠି, ଜିଲା ମଙ୍ଗଳ ଅଧିକାରୀ ପ୍ରଦୀପ୍ତ କୁମାର ପଣ୍ଡା, ବିଇଓ ପତିତପାବନ ଦାଶ, ବିଡ଼ିଓ ଲରିମନ ଖରସେଲ ଓ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଚିତ୍ତରଞ୍ଜନ ବେହେରା ସ୍କୁଲରେ ପହଞ୍ଚି ତଦନ୍ତ କରିଥିଲେ। ଘଟଣାର ପୁନରାବୃତ୍ତି ନ କରିବାକୁ ସେମାନେ ତାଗିଦ୍ କରାଇଥିଲେ। ଏଥିସହ କିଛି ବିଦ୍ୟାଳୟ ଶିକ୍ଷକ ଏବଂ ଶିକ୍ଷୟିତ୍ରୀଙ୍କୁ ଅତିରିକ୍ତ ଦାୟିତ୍ୱ ବଣ୍ଟନ କରିଥିଲେ। ବାଳିକା ଆବାଶିକ ପାଇଁ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱ ଶିକ୍ଷୟିତ୍ରୀ ରିତା ମହାରଣାଙ୍କୁ ଦିଆଯାଇଥିଲା। ସେହିଭଳି ବାଳକ ଆବାସିକ ପାଇଁ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଭାବେ ଶିକ୍ଷକ ସଞ୍ଜୟ ଦାଶ, ଖାଦ୍ୟ ନିରୀକ୍ଷକ ଭାବେ ପ୍ରଫୁଲ୍ଲ ପାଢ଼ି ଓ ଗୀତାଞ୍ଜଳି ବାରିକଙ୍କୁ ଦାୟିତ୍ୱ ଦିଆଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପୁରୁଷୋତ୍ତମ ସାହୁଙ୍କୁ ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱ ଦିଆଯାଇଛି। ଦାୟିତ୍ୱକୁ ସୁଚାରୁ ଏବଂ ଶୃଙ୍ଖଳିତ ଭାବେରେ ପରିଚାଳନା କରିବାକୁ ସେମାନେ ପରାମର୍ଶ ଦେଇଥିଲେ।







# ୨ କୁଇଣ୍ଟାଲ ୩୫ କିଲୋ ଗଞ୍ଜେଇ ଜବତ

## ୩ ଅଭିଯୁକ୍ତଙ୍କୁ ଗିରଫ କଲା ଓର୍କେଲ ଥାନା ପୋଲିସ

କୋରକୋଣ୍ଡା, ୨୨।୮(ଡି.ଏନ୍.ଏ.)

ମାଲକାନଗିରି ଜିଲା ଓର୍କେଲ ପୋଲିସ ଗାଡି ମୋଟର ଯାଞ୍ଚ କରୁଥିବାବେଳେ ୨ କୁଇଣ୍ଟାଲ ୩୫ କିଲୋରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ କରି ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ହାତିଆମ୍ବ ଅଞ୍ଚଳର ସିଲା ମୁଦୁଲି(୨୨), ପୁମା ଗ୍ରାମର ବୈଦ୍ୟନାଥ ମାଝି (୩୪) ଓ ଚିତ୍ରକୋଣ୍ଡା ଥାନା ପୋଣ୍ଡିଗୁଡା ଗ୍ରାମର ଲଚ୍ଛମୁ ପଲାସି(୩୨) ।

ପ୍ରକାଶ ଯେ, ଓର୍କେଲ ଥାନାଧିକାରୀ ଜଗଦୀଶ ବାରାଙ୍କ ନିର୍ଦ୍ଦେଶରେ ଏକ ଟିମ୍ ପରକନମାଳା ପଞ୍ଚାୟତର ସିନ୍ଧିଗୁଡାରେ ଗାଡ଼ି ଯାଞ୍ଚ କରୁଥିଲେ। ଏହି ସମୟରେ ବାଲିମେଳା-ଜୟପୁର ମଧ୍ୟରେ ଦୁଇଟି ଗାଡ଼ି ଆସୁଥିବା ଦେଖି ଅଟକାଇଥିଲେ। ହୁଣ୍ଡାଇ ଇନେକାର ଡ୍ରାଇଭର ପୋଲିସକୁ ଦେଖି ରାସ୍ତା ଉପରେ ଗାଡ଼ି ଛାଡି ଚାବି ନେଇ ସେଠାରୁ ଦୌଡ଼ି ପଳାଇଥିଲେ ।ସେହି ଗାଡିରେ ଥିବା ଅନ୍ୟ ଜଣେଙ୍କୁ ପୋଲିସ କାବୁକରି ଗାଡିକୁ ଯାଞ୍ଚ କରିଥିଲା । ଯାଞ୍ଚ ସମୟରେ ସେଥିରୁ ୪ଟି ଗଞ୍ଜେଇ ବସ୍ତା ମିଳିଥିଲା। ପରେ ସେହି ରାସ୍ତା ଦେଇ ଅନ୍ୟ ଏକ ମହିନ୍ଦ୍ରା ମାକ୍ସ ଗାଡ଼ି ଆସୁଥିବା ଦେଖି ପୋଲିସ ତାକୁ ଅଟକାଇଥିଲା। ସେଥିରୁ ମଧ ପୋଲିସ ୪ବସ୍ତା ଗଞ୍ଜେଇ ଜବତ କରିଥିଲା। ଏହି ଗଞ୍ଜେଇ ଚିତ୍ରକୋଣ୍ଡାରୁ ଉମରକୋଟ ଏବଂ ପରେ ପଡୋଶୀ ଛତିଶଗଡକୁ ଚାଲାଣ କରାଯିବାର ଯୋଜନା ଥିଲା। ଜବତ ଗଞ୍ଜେଇର ବଜାର ମୂଲ୍ୟ ୪,୭୦,୦୦୦ରୁ ଉର୍ଦ୍ଧ୍ୱ ବୋଲି ପୋଲିସ ସୂଚନା ଦେଇଛି। ଏ ନେଇ ଓର୍କେଲ ଥାନାରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ତଦନ୍ତକାରୀ ଅଫିସର ଏସ୍‌ଆଇ କୃତିବାସ ବେହେରା କହିଛନ୍ତି।


ଗଞ୍ଜେଇ ସହ ଗିରଫ ଅଭିଯୁକ୍ତମାନେ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ପଶୁସମ୍ପଦ ସୁରକ୍ଷା ନେଇ ତାଲିମ ଶିବିର



**ଗୁଣପୁର,୨୨।୮(ଡି.ଏନ.ଏ):** ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକ ଜାରପା ଗ୍ରାମରେ ଶିବଶକ୍ତି ଜଳବିଭାଜିକା ପକ୍ଷରୁ ଗ୍ରାମ୍ୟ ଉନ୍ନୟନ ସମିତିର ସହଯୋଗକ୍ରମେ ବୁଧବାର ଛେଳି ପଶୁସମ୍ପଦର ରକ୍ଷଣାବେକ୍ଷଣ ଏବଂ ସୁରକ୍ଷା ନେଇ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ବିଶେଷକରି ବର୍ଷାଋତୁରେ ଛେଳିମାନଙ୍କଠାରେ ଦେଖାଯାଉଥିବା ବିଭିନ୍ନ ରୋଗ, ଗର୍ଭଧାରଣ କ୍ଷମତା ବୃଦ୍ଧି ନେଇ ତାଲିମ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଦହିଖାଲ ପଶୁସମ୍ପଦ ବିକାଶ ଅଧିକାରୀ ଏଲ.ଗୋପୀନାଥ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ୟୁନିଟ୍ ତତ୍ତ୍ୱାବଧକ ଅକ୍ଷୟ ରଥଙ୍କ ସମେତ ଜଳ ବିଭାଜିକା ଗ୍ରାମ୍ୟ ଉନ୍ନୟନ ସମିତି ସଭାପତି, ସମ୍ପାଦକ ଉପସ୍ଥିତ ଥିଲେ ।

### ଟ୍ରକ ଧକ୍କାରେ ୩ ଆହତ

**ରାୟଗଡ଼ା ଅଫିସ/ଜେକେପୁର,୧୯।୮:** ବିଷକମକଟକ ବ୍ଲକ ଡୁଙ୍ଗୁରୀପୁଟ ନିକଟରେ ବିଷମକଟକରୁ କୁମଟାଲପେଟା ଅଭିମୁଖେ ଆସୁଥିବା ଏକ ଅଟୋକୁ ବସ ଧକ୍କା ଦେବାକୁ ୩ ଜଣ ଆହତ ହୋଇଛନ୍ତି। ସେମାନ ହେଲେ ଅଟୋ ଚାଳକ ବସନ୍ତ ତାଣ୍ଡି (୩୦) , ପ୍ରହଲାଦ ବାଗ୍ (୨୭ ) ଓ ଗଣେଶ ବିଷୋୟୀ (୨୬) । ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଜେକେପୁର ରେ ଥିବା ଇ ଏସଆଇ ମେଡ଼ିକାଲରେ ଭର୍ତ୍ତି କରିଥିଲେ । ପରେ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।

### ବିଧାୟକଙ୍କୁ ସମସ୍ୟା ଜଣାଇଲା ବଣିକ ସଂଘ



**ଟିକିରି, ୨୨।୮ (ଡି.ଏନ୍.ଏ.):** ସ୍ଥାନୀୟ ସଙ୍କଟମୋଚନ ମନ୍ଦିର ପ୍ରାଙ୍ଗଣରେ କାଶୀପୁର ବ୍ଲକ ଟିକିରି ଶିକ୍ଷକ ସଂଘ ପକ୍ଷରୁ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ଟିକିରି ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ ସଂଘ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ବଣିକ ସଂଘର କର୍ମକର୍ତ୍ତାମାନେ ସ୍ୱାସ୍ଥ୍ୟ,ଶିକ୍ଷା ଓ କୃଷି ବିକାଶ ନେଇ ଦାବି ଉପସ୍ଥାପନ କରିଥିଲେ। ଅଞ୍ଚଳର ବିକାଶ ଲାଗି ସମସ୍ତେ ଏକାଠି ହୋଇ କାମ କରିବାକୁ ପୂର୍ବତନ ବ୍ଲକ ଅଧ୍ୟକ୍ଷ ମହାପାତ୍ର କହିଥିଲେ। ବିଦ୍ୟାଳୟର ସମସ୍ୟା ସମାଧାନ ନେଇ ପବ୍ଲିକପାଣ୍ଠି କରିବାକୁ ପରାମର୍ଶ ଦେଇଥିଲେ। ଜାମଗୁଡାସ୍ଥିତ ପୋଖରୀ ମରାମତି ନେଇ ବିଭାଗୀୟ ଅଧିକାରୀ ଏବଂ ଜିଲାପାଳ ସହିତ ଆଲୋଚନା କରି ପଦକ୍ଷେପ ନେବେ ବୋଲି ବିଧାୟକ କହିଥିଲେ।

### ଗର୍ଭବତୀଙ୍କ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ

**ବିଷମକଟକ, ୨୨।୮:** ରାୟଗଡା ଜିଲା ବିଷମକଟକ ବ୍ଲକ ଭାତପୁର ପଞ୍ଚାୟତର ପୁଟୁଗୁଡା ଗ୍ରାମର ଜଣେ ଗର୍ଭବତୀ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି । ତାଙ୍କୁ ଗୁରୁତର ଅବସ୍ଥାରେ ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଖବରପାଇ ବିଷମକଟକ ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ପୁଟୁଗୁଡା ଗ୍ରାମର ଜଣେ ଯୁବକ ଉକ୍ତ ଯୁବତୀଙ୍କୁ ଭଲ ପାଉଥିଲେ । ବିବାହର ପ୍ରତିଶ୍ରୁତି ଦେଇ ଯୁବକ ଜଣକ ତାଙ୍କ ସହ ଶାରିରୀକ ସମ୍ପର୍କ ରଖିଥିଲେ । ୫ ମାସ ତଳେ ଯୁବକ କାମ ସନ୍ଧାନରେ କେରଳ ଚାଲି ଯାଇଥିଲେ। ଯୁବତୀ ଗର୍ଭବତୀ ହେବାରୁ ଯୁବକଙ୍କୁ ଜଣାଇଥିଲେ । ହେଲେ ସେ ଯୁବତୀ ଜଣକ ବୁଧବାର ରାତିରେ ବିଷ ପାନ କରି ଦେଇଥିଲେ। ପରିବାର ଲୋକେ ସଙ୍ଗେ ସଙ୍ଗେ ତାଙ୍କୁ ବିଷମକଟକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେ ଗର୍ଭବତୀ ଥିବା ନେଇ ଡାକ୍ତର ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ ।

---

■ ଗାଁ ଲୋକେ ଆତଙ୍କିତ

# ସ୍କୁଲ ଘର ଭାଙ୍ଗିଲେ ହାତୀପଲ

**ବିଷମକଟକ,୨୨।୮**



ଭାଙ୍ଗିଦେଇଥିବା ସ୍କୁଲ ଘର ।

ରାୟଗଡା ଜିଲା ବିଷମକଟକ ବ୍ଲକ ଡାଲିଆକୁଜି ପଞ୍ଚାୟତ ଦ୍ୱାରଗୁଡ଼ି ଗ୍ରାମରେ ହାତୀପଲ ପଶି ବ୍ୟାପକ କ୍ଷୟକ୍ଷତି କରିଛନ୍ତି । ୭ ଦିନ ହେଲା ହାତୀପଲ ଏପରି ଉପଦ୍ରବ ଚଳାଇଥିଲେ ମଧ୍ୟ ବନ ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଗତ ସୋମବାର ଏହି ହାତୀପଲ ଦ୍ୱାରଗୁଡ଼ି ପ୍ରାଥମିକ ବିଦ୍ୟାଳୟକୁ ଭାଙ୍ଗି ଦେଇଛନ୍ତି। ଏଥିସହ ବିଦ୍ୟାଳୟରେ ଥିବା ଚାଉଳ, କାଗଜପତ୍ର,ଚେୟାର ଟେବୁଲ, ବାସନକୁସନ ଆଦି ନଷ୍ଟ କରି ଦେଇଛନ୍ତି। ଏହାକୁ ନେଇ ଗ୍ରାମବାସୀ ଭୟଭୀତ ହୋଇପଡ଼ିଛନ୍ତି ।

ଡ଼ାଲିଆକୁଜି ପଞ୍ଚାୟତର ଏହି ଗ୍ରାମ ନିୟମଗିରି ପାହାଡ ଉପରେ ରହିଛି। ଏହି ଗ୍ରାମକୁ ବାରମ୍ବାର ହାତୀପଲ ଯିବା ଆସିବା କରୁଥିବା ବେଳେ ବିଭିନ୍ନ ସମୟରେ ଫସଲ ନଷ୍ଟ କରିଛନ୍ତି। ସାତ ଦିନ ହେବ ଏହି ୩୦ ବିଶିଷ୍ଟ ହାତୀପଲ ଗାଁ ନିକଟରେ ରହିଛନ୍ତି । ଗ୍ରାମବାସୀ ବାହାରକୁ କାମ ଧନ୍ଦାରେ ନ ଯାଇ ହାତୀକୁ ଘଉଡ଼ାଇବା ଲାଗି ଗାଁରେ ପ୍ରସ୍ତୁତ ହୋଇ ରହିଛନ୍ତି । ଗତ ସୋମବାର ମଧ୍ୟରାତ୍ରିରେ ଏହି ହାତୀପଲ ଗାଁ ମୁହାଁ ହେଉଥିବା ବେଳେ ଗ୍ରାମବାସୀ ନିଆଁହୁଳା,ବାଜା ବଜାଇ ଘଉଡ଼ାଇ ଦେଇଥିଲେ । ହେଲେ ହାତୀପଲ ନ ଯାଇ ଗାଁ ସ୍କୁଲକୁ ସମ୍ପୂର୍ଣ୍ଣ ଭାଙ୍ଗିଦେଇଛନ୍ତି। ଏନେଇ ମଙ୍ଗଳବାର ସକାଳେ ଗ୍ରାମବାସୀ ଶିକ୍ଷକଙ୍କୁ ଜଣାଇଥିଲେ । ଶିକ୍ଷକ ବିଦ୍ୟାଳୟର ପହଞ୍ଚି ବୁଲି ଦେଖିବା ସହ ବ୍ଲକ ଶିକ୍ଷାଧିକାରୀଙ୍କୁ ଅବଗତ କରିଥିଲେ। ହାତୀପଲ ଦିନରେ ଜଙ୍ଗଲରେ ରହୁଥିବାବେଳେ ରାତ୍ରିରେ ବିଦ୍ୟାଳୟ ନିକଟରେ ରହୁଛନ୍ତି। ଚାଷ ଜମିରେ ପଶି ଫସଲ ମଧ୍ୟ ନଷ୍ଟ କରୁଛନ୍ତି। ଏ ନେଇ ବନ ବିଭାଗ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ କିଛି ପଦକ୍ଷେପ ନେଉ ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବନପାଳ ପ୍ରଦ୍ୟୁମ୍ନ ବେହେରାଙ୍କୁ ପଚାରିବାରୁ, ହାତୀଙ୍କ ଉପରେ ଆମ୍ଭେ ନଜର ରଖିଛୁ। ଲୋକେ କିପରି ହାତୀପଲଠାରୁ ଦୂରେଇ ରହିବେ ସେ ନେଇ ସଚେତନ କରାଉଛୁ। କ୍ଷୟକ୍ଷତିର ଆକଳନ ଚାଲିଛି ବୋଲି ସେ କହିଛନ୍ତି ।



ରାଧାକୃଷ୍ଣ ବେଶରେ ସଜ୍ଜିତ ପିଲାମାନେ ।

## ସେଣ୍ଟ ଜାଭିୟର ହାଇସ୍କୁଲରେ ଜନ୍ମାଷ୍ଟମୀ ପାଳିତ

**ରାୟଗଡ଼ା ଅଫିସ,୨୨।୮**

ସ୍ଥାନୀୟ ନ୍ୟୁକଲୋନୀସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲ ପ୍ରାଙ୍ଗଣରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ରାଧାକୃଷ୍ଣଙ୍କ ବେଶରେ ସଜ୍ଜିତ ହୋଇ କୌତୁକ ପୋଷାକ ପ୍ରତିଯୋଗିତାରେ ଭାଗ ନେଇଥିଲେ । ଏଥିସହ ସ୍ଲୋକ ଗାନ, ନୃତ୍ୟ ପରିବେଷଣ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦହି ହାଣ୍ଡି ଭାଙ୍ଗିବା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ଅଧକ୍ଷ ନିରଞ୍ଜନ ପାତ୍ରଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା । ଏଥିରେ ଶିକ୍ଷକ ଶିକ୍ଷୟିତ୍ରୀ ସୁନିତା ଖଡଙ୍ଗା, ଶୁଚିସ୍ମିତା ସାହୁ,ମନୋଜ ଶତପଥୀ, ପ୍ରଶାନ୍ତ ବିଶାଳ, ପି.ଦିବ୍ୟାଙ୍କର ସହଯୋଗ କରିଥିଲେ ।



ରାୟଗଡ଼ାରେ ଜନ୍ମାଷ୍ଟମୀ ଉପଲକ୍ଷେ ମହିଳା ସଂସ୍କୃତି ଅନୁଷ୍ଠାନ ପରିସରରେ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇଥିବା ଛାତ୍ରୀଛାତ୍ର ।

## ରାଧାକୃଷ୍ଣ ବେଶ ପ୍ରତିଯୋଗିତା

**ରାୟଗଡ଼ା ଅଫିସ ,୨୨।୮**

ଜନ୍ମାଷ୍ଟମୀ ଉପଲକ୍ଷେ ମହିଳା ସଂସ୍କୃତି ଅନୁଷ୍ଠାନ ପରିସରରେ ରାଧାକୃଷ୍ଣ ବେଶ ପ୍ରତିଯୋଗିତା ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୨୦ ସ୍କୁଲର ୭୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ । କେ. ସାଲବା ରାଜୁ , ଟି ୱାନି, ରିତା ପାଣିଗ୍ରାହୀ ବିଚାରକ ଭାବେ ଯୋଗ ଦେଇଥିଲେ। ଶେଷରେ ବେଲା ସୁରୀ ଅତିଥି ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ଅନୁଷ୍ଠାନ ସଭାପତି ସୁଜାତା ମାଦଳା, ମାଳତୀ ଚୌଧୁରୀ, ସ୍ୱପ୍ନାରାଣୀ ରଥ ପରିଚାଳନା କରିଥିଲେ ।

■ ଉତ୍କଳ ଆଲୁମିନାରେ ସ୍ଥାୟୀ ନିଯୁକ୍ତି ଦାବି

## କମ୍ପାନୀ କର୍ତ୍ତୃପକ୍ଷ-ପ୍ରଶାସନ ଆଲୋଚନା



କମ୍ପାନୀ କର୍ତ୍ତୃପକ୍ଷ ଓ ପ୍ରଶାସନ ମଧ୍ୟରେ ଆଲୋଚନା ଚାଲିଛି ।

**ଟିକିରି, ୨୨।୮ (ଡି.ଏନ୍.ଏ.)**

ଉତ୍କଳ ଆଲୁମିନାରେ ସ୍ଥାୟୀ ନିଯୁକ୍ତି ଦାବିରେ ଗତ ୨୫ ତାରିଖରେ ବିସ୍ଥାପିତ କ୍ଷତିଗ୍ରସ୍ତ ପରିବାର ଆନ୍ଦୋଳନ ଚଳାଇଥିଲେ । ଖବରପାଇ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରି ଏନେଇ ଗତ ୧୩ ତାରିଖରେ ଆଲୋଚନା ହେବ ବୋଲି କହିଥିଲେ । ହେଲେ ଗତ ୧୩ ତାରିଖରେ କୌଣସି ଆଲୋଚନା ହୋଇପାରି ନ ଥିଲା । ଏନେଇ ଗତ ବୁଧବାର କାଶୀପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ରାୟଗଡ଼ା ଜିଲା ଶ୍ରମ ଅଧିକାରୀ ଅଧକ୍ଷତା କରିଥିଲେ । ଏଥିରେ ଉତ୍କଳ ଆଲୁମିନାର ବରିଷ୍ଠ ଅଧିକାରୀ ରାକେଶ ମିଶ୍ର, ଟି.ଏମ୍. ପ୍ରକାଶ, ସୁକାନ୍ତ ମହାପାତ୍ର, ବ୍ରଜବନ୍ଧୁ ଛଟେଇ, ବିଡ଼ିଓ ଦେବଧର ପ୍ରଧାନ, ତହସିଲଦାର ସୌଭାଗ୍ୟ ବେହେରା ଓ କାଶୀପୁର ଥାନା ଅଧିକାରୀ ମାଧମ ପ୍ରଧାନ, ଦୋରାଗୁଡା ଥାନା ଅଧିକାରୀ କୃଷ୍ଣ ଚନ୍ଦ୍ର ଭତ୍ରା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଆଲୁମିନା ପ୍ରକଳ୍ପ ଦ୍ୱାରା ଜମିହରା ବିସ୍ଥାପିତ କ୍ଷତିଗ୍ରସ୍ତ ପରିବାରରୁ ଶତାଧିକ ବୈଷୟିକ ତାଲିମପ୍ରାପ୍ତ ଯୁବକ ଉପସ୍ଥିତ ଥିଲେ। ତାଲିମପ୍ରାପ୍ତ ଯୁବକମାନେ ଉତ୍କଳ ଆଲୁମିନାରେ ସ୍ଥାୟୀ ନିଯୁକ୍ତି ଦାବି କରିଥିଲେ। ସେମାନଙ୍କୁ ପର୍ଯ୍ୟାୟ କ୍ରମେ ନିଯୁକ୍ତିର ବ୍ୟବସ୍ଥା କରାଯିବ ବୋଲି କମ୍ପାନୀ କର୍ତ୍ତୃପକ୍ଷ ପ୍ରକାଶ କରିଥିଲେ। ଏନେଇ ଆସନ୍ତା ୧୧ ତାରିଖରେ ପୁଣି ରାୟଗଡ଼ାସ୍ଥିତ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ଆଲୋଚନା କରାଯିବ ଜଣାଯାଇଛି ।

■ କଡ ଲେଉଟାଉଛି ଗୁଣପୁର ପଞ୍ଚାୟତ ସମିତି ରାଜନୀତି

# ଅଧ୍ୟକ୍ଷାଙ୍କ ପାଇଁ ସତର୍କ ଘଣ୍ଟି

**ଗୁଣପୁର,୨୨।୮(ଡି.ଏନ.ଏ)**

କାଲି ଯିଏ ମିତ୍ର ଥିଲା , ଆଜି ସିଏ ଶତ୍ରୁ । ରାଜନିତୀରେ ସବୁ କିଛି ସମ୍ଭବ । ଏପରି କିଛି ଦୃଶ୍ୟ ଦେଖିବାକୁ ମିଳିଛି ରାୟଗଡା ଜିଲା ଗୁଣପୁର ବ୍ଲକ ପଞ୍ଚାୟତ ସମିତି ରାଜନୀତି କ୍ଷେତ୍ରରେ । ଗତ ତ୍ରିସ୍ତରୀୟପଞ୍ଚାୟତ ନିର୍ବାଚନରେ ଅଧ୍ୟକ୍ଷ ପଦ ପାଇଁ ଯିଏ ମିତ୍ର ସାଜିଥିଲେ ସେ ଆଜି ବଇରି ହୋଇଯାଇଛନ୍ତି । ଦିନ ରାତି ଏକା କରି ଯାହାକୁ ଅଧ୍ୟକ୍ଷା କରିଥିଲେ ସେ ଏବେ ଶତ୍ରୁ ପାଲଟିଛନ୍ତି। ପଞ୍ଚାୟତ ନିର୍ବାଚନରେ ଅଧ୍ୟକ୍ଷ ପଦବୀ ପାଇଁ ମୁଖ୍ୟ ଭୂମିକା ନେଇଥିଲେ କଂଗ୍ରେସର ବାଳି ଗମାଙ୍ଗ ଏବଂ ଭାଜପାର ଶ୍ରୀଧର ଶବର । ପୂର୍ବତନ ଏନଏସି ଅଧ୍ୟକ୍ଷ ଶିବ ପ୍ରସାଦ ଗୌଡଙ୍କ ସମର୍ଥକ ଏସୋ ଶବର ଯେମିତି ଅଧ୍ୟକ୍ଷ ନ ହୁଅନ୍ତି ସବୁ ପ୍ରକାର ପ୍ରୟାସ କରିଥିଲେ ସେମାନେ । ବିଜେଡିର ଅଶ୍ୱିନୀ ମମାଙ୍ଗ, ଭାଜପାର ଶ୍ରୀଧର ଏବଂ କଂଗ୍ରେସର ବାଳି ଏମାନଙ୍କ ମଧ୍ୟରେ ହୋଇଥିଲା ମହାମେଣ୍ଟ । ଶ୍ରୀଧର ଏବଂ ବାଳି ଜିଲା ପରିଷଦ ସଭ୍ୟ ଅଶ୍ୱିନଙ୍କ ଭାଇ ବୋହୂ ଦେବକୀ ଗମାଙ୍ଗଙ୍କୁ ଅଧ୍ୟକ୍ଷା କରାଇବା ଲାଗି ସବୁ କିଛି ଦାଉ ଲଗାଇ ଦେଇଥିଲେ । ସେଥିରେ ସେମାନେ ସଫଳ ମଧ୍ୟ ହୋଇଥିଲେ । ଏପରି ବିଜେଡି ଦଖଲକୁ ଯାଇଥିଲା ଗୁଣପୁର ପଞ୍ଚାୟତ ସମିତି । ଯାହା ପୂର୍ବତନ ଏନଏସି ଅଧ୍ୟକ୍ଷ ଗୌଡଙ୍କୁ ଶକ୍ତ ଧକ୍କା ଦେଇଥିଲା । ହେଲେ ଉପାଧ୍ୟକ୍ଷ ନିର୍ବାଚନରେ ତାହାର ବିପରୀତ ସ୍ଥିତି ସୃଷ୍ଟି ହୋଇଥିଲା । ଗୋଟିଏ ଭୋଟରେ ହାରିଥିବା ଏସୋ ଗୋଟିଏ ଭୋଟ ଅଧିକା ପାଇ ଉପାଧ୍ୟକ୍ଷ ହୋଇଥିଲେ । ମେଣ୍ଟ ପ୍ରାର୍ଥୀ ଥିବା ଶ୍ରୀଧର ଗୋଟିଏ ଭୋଟରେ ହାରିଯାଇଥିଲେ । ଯାହା ମହାମେଣ୍ଟ ପାଇଁ ଶକ୍ତ ଆଘାତ ଲାଗିଥିଲା । ହେଲେ ପରବର୍ତ୍ତୀ ସମୟରେ ସବୁକିଛି ଓଲଟ ପାଲଟ ହୋଇଯାଇଛି । ଅଢେଇ ବର୍ଷ ମଧ୍ୟରେ ସେମାନଙ୍କ ମଧ୍ୟରେ ବିଭିନ୍ନ କାରଣରୁ ବିବାଦ ଦେଖାଦେଇଛି । ତିନିହେଁ ତିନୋଟି ଦଳରେ ହୋଇଥିଲେ ମଧ୍ୟ ଶିବଙ୍କୁ ବ୍ଲକ ରାଜନିତୀରୁ ହଟାଇବା ପାଇଁ ମହାମେଣ୍ଟ କରିଥିଲେ । ହେଲେ ବର୍ତ୍ତମାନ ଶ୍ରୀଧର ଏବଂ ଅଶ୍ୱିନୀଙ୍କ ମଧ୍ୟରେ ବିଭିନ୍ନ କାରଣରୁ ଫାଟ ସୃଷ୍ଟି ହୋଇ ମତାନ୍ତର ଦେଖାଦେଇଛି । ଯାହାର ପ୍ରତିଫଳନ ଦେଖାଦେଇଥିଲା ବୁଧବାର ଗୁଣପୁର ବ୍ଲକର ପଞ୍ଚାୟତ ସମିତି ବୈଠକରେ । ଉଭୟଙ୍କ ମଧ୍ୟରେ ମାରପିଟ ହୋଇଥିଲା । ଉଭୟେ ଉଭୟଙ୍କ ନାମରେ ଥାନାରେ ଏତଲା ଦେଇଥିଲେ । ସମିତି ବୈଠକରେ କୋରମ ଅଭାବରୁ ଯେଉଁ ତୁମୁଳକାଣ୍ଡ ଘଟିଥିଲା ଏଥି ପାଇଁ ବିଡିଓଙ୍କ ଭୂମିକାକୁ ମୁଖ୍ୟତଃ ବିଭିନ୍ନ ମହଲରେ ଦାୟୀ କରାଯାଇଥିଲା । ଅନ୍ୟପଟେ ବିଧାୟକଙ୍କ ଉପସ୍ଥିତିରେ ଲୋକ ପ୍ରତିନିଧିଙ୍କ ମଧ୍ୟରେ ମାର୍‌ପିଟ୍ ଏବଂ ଗାଳିଗୁଲଜ ସର୍ବୋପରି ବିଧାୟକଙ୍କ ନିରବଦ୍ରଷ୍ଟା ସମସ୍ତଙ୍କୁ ଚକିତ କରିଥିଲା । ସମିତି ବୈଠକର ସ୍ଥିତିକୁ ଯଦି ସମୀକ୍ଷା କରାଯାଏ ତେବେ ଅଧ୍ୟକ୍ଷାଙ୍କ ପାଇଁ ଏହା ସତର୍କ ଘଣ୍ଟି ହୋଇପାରେ । ୩୮ ସଂଖ୍ୟା ବିଶିଷ୍ଟ ସରପଞ୍ଚ ଏବଂ ସମିତି ସଭ୍ୟଙ୍କ ମଧ୍ୟରୁ ୯ ଜଣଙ୍କ ଉପସ୍ଥିତି ଅଧ୍ୟକ୍ଷା ଆସନ ପାଇଁ ବିପଦ ସୃଷ୍ଟି କରିପାରେ । ଅନୁପସ୍ଥିତ ୨୯ ସରପଞ୍ଚ ଏବଂ ସମିତି ସଭ୍ୟଙ୍କ ଅସନ୍ତୋଷ ଅନାସ୍ଥା ଭୋଟରେ ପରିବର୍ତ୍ତିତ ହୁଏ, ତେବେ ଅଧ୍ୟକ୍ଷାଙ୍କ ପାଇଁ ଏହା ସମସ୍ୟା ବଢ଼ିବ ।

## ଯୁବକ ନିଖୋଜ, ଥାନାରେ ଏତଲା



**ଟିକିରି, ୨୨।୮ (ଡି.ଏନ୍.ଏ.)**

କାଶୀପୁର ବ୍ଲକ କମ୍ବା ପଞ୍ଚାୟତ ମାଙ୍କଡଖୋଲା ଗ୍ରାମର ଜଣେ ମାନସିକ ବିକୃତ ଯୁବକ ନିଖୋଜ ହୋଇଥିବା ଥାନାରେ ଅଭିଯୋଗ ହୋଇଛି । ଯୁବକ ଜଣକ ହେଲେ ମାଙ୍କଡଖୋଲା ଗ୍ରାମର ବିନାୟକ ମାଡ଼ପୋଲ (୨୦) । ସେ ଗତ ମଙ୍ଗଳବାର ସକାଳୁ କେଉଁଆଡ଼େ ଚାଲିଯାଇଥିଲେ । ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ପତ୍ତା ପାଇ ନ ଥିଲେ । ପରେ ଏନେଇ ଟିକିରି ଥାନାରେ ଏତଲା ଦେଇଥିଲେ ।



ପ୍ରାଣୀ ଚିକିତ୍ସାଳୟ ।

## ଜରାଜୀର୍ଣ୍ଣ ଅବସ୍ଥାରେ ପ୍ରାଣୀ ଚିକିତ୍ସାଳୟ

**ରାୟଗଡ଼ା ଅଫିସ,୨୨।୮**

ରାୟଗଡ଼ା ସହର ନିକଟରେ ରହିଛି କୁମୁଟିପେଣ୍ଠ ପ୍ରାଣୀ ଚିକିତ୍ସାଳୟ। ଏହି କେନ୍ଦ୍ରରେ ଚାନ୍ଦିଲି, ଜେକେପୁର, ପେନଟା, କର୍ଲାକଣା, କୁମୁଟିପେଣ୍ଠ ଆଦି ପଞ୍ଚାୟତର ଶତାଧିକ ଗୃହପାଳିତ ପଶୁ ଚିକିତ୍ସିତ ହେଉଛନ୍ତି । ହେଲେ ଏବେ ଏହି ଚିକିତ୍ସାଳୟ ଜରାଜିର୍ଣ୍ଣ ଅବସ୍ଥାରେ ରହିଛି। ମରାମତି ଅଭାବରୁ କେନ୍ଦ୍ରର ଭିତରପଟ କାନ୍ଥ ଫାଟି ଆଁ କରିଛି । ଏଥିସହ ଏହାର ଚତୁଃପାର୍ଶ୍ୱ ଅନାବନା ଗଛରେ ଭର୍ତ୍ତି ହୋଇଛି। ଉକ୍ତ ଗୃହରେ କର୍ମଚାରୀମାନେ ଭୟଭୀତ ହୋଇ କାମ କରୁଛନ୍ତି । ପ୍ରାୟ ୩୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲାଣି ଉକ୍ତ କେନ୍ଦ୍ର ଉପରେ ସରକାରଙ୍କ ଦୃଷ୍ଟି ପଡୁ ନ ଥିବା ଅଭିଯୋଗ ହୋଉଛି । ଏହାର ନୂତନ କୋଠା ନିର୍ମାଣ ସରିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କେଉଁ କାରଣରୁ ହସ୍ତାନ୍ତର କରାଯାଉନାହିଁ ତାହା ଜଣାପଡ଼ିନାହିଁ । ଠିକାଦାର ଜଣକ ଉକ୍ତ ନୂତନ କୋଠାରେ ଜିନିଷପତ୍ର ରଖି ତାଲା ପକାଇ ରଖିଥିବା ଜଣାଯାଇଛି। ଏମିତି କି ପ୍ରାଣୀଙ୍କ ଲାଗି ଆସୁଥିବା ଔଷଧ ରଖିବାକୁ ସ୍ଥାନ ମଧ୍ୟ ନାହିଁ। ଏନେଇ ରାୟଗଡ଼ା ବିଡ଼ିଓଙ୍କ ପଚାରିବାରୁ, କ୍ଷେତ୍ର ପରିଭ୍ରମଣରେ ଯାଇ ଏହାର ତଦାରଖ କରିବି । ତୁରନ୍ତ ଏହି ନୂତନ କୋଠା ହସ୍ତାନ୍ତର ନେଇ ବ୍ୟବସ୍ଥା କରିବି ବୋଲି କହିଛି ।

■ ବଂଶଧାରା ତଟରେ ଆଡିବନ୍ଧ ନିର୍ମାଣ ଦାବି

# ଉପଜିଲାପାଳଙ୍କୁ ଭେଟିଲେ ୧୦ ଖଣ୍ଡ ଗ୍ରାମର ଲୋକେ

**ଗୁଣପୁର,୨୨।୮(ଡି.ଏନ.ଏ)**



ଗ୍ରାମବାସୀ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

ରାୟଗଡା ଜିଲାର ବଂଶଧାରା ନଦୀ ଅବବାହିକାରେ ଥିବା ଗ୍ରାମଗୁଡିକ ନଦୀ ଗର୍ଭରେ ଲିନ ହେବାକୁ ଯାଉଛି । ଏଣୁ ଗ୍ରାମଗୁଡିକ ସହ ଲୋକଙ୍କ ଧନ ଜୀବନ ସୁରକ୍ଷା ଦୃଷ୍ଟିରୁ ଆଡିବନ୍ଧ ହିଁ ଏକ ମାତ୍ର ବିକଳ୍ପ । ତେଣୁ ଉକ୍ତ ସ୍ଥାନରେ ଆଡିବନ୍ଧ କରାଯାଉ ବୋଲି ନଦୀ ଅବବାହିକାରେ ଥିବା ୧୦ ଖଣ୍ଡ ଗ୍ରାମର ଲୋକେ ଦାବି କରିଛନ୍ତି । ଏନେଇ ସେମାନେ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଲିମାପଦର, ଭାମିନୀ, ସେରମା, ଗୁମୁଡା, ଗୁମୁଡାଲକ୍ଷ୍ମୀପୁର, ଖାଲଗୁମୁଡା, ଡେରିଗାଁ, କଦମଗୁଡା, କର୍ଣ୍ଣପାଡୁ, ବିଚିକୋଟ ଏବଂ ଅନ୍ତରଝୋଲି ବଂଶଧାରା ନଦୀ ଅବବାହିକାରେ ରହିଛି। ନଦୀର ଗତିପଥ ପରିବର୍ତ୍ତନ ଯୋଗୁଁ ଗ୍ରାମବାସୀ ଭୟ ଏବଂ ଆତଙ୍କରେ ରହୁଛନ୍ତି । ୧୯୯୩, ୧୯୯୭, ୨୦୦୩, ୨୦୦୭ ଏବଂ ୨୦୧୩ରେ ବଂଶଧାରା ନଦୀରେ ପ୍ରବଳ ବନ୍ୟା ଯୋଗୁ ଏହି ଅଞ୍ଚଳର ଲୋକମାନେ ଆତଙ୍କିତ ହୋଇ ପଡିଥିଲେ । ବିଭିନ୍ନ ସମୟରେ ଏହି ସମସ୍ୟା ରାଜ୍ୟସ୍ତରୀୟ ଅଧିକାରୀଙ୍କଠାରୁ ଜିଲାରେ ବିଭିନ୍ନ ସମୟରେ ରହିଥିବା ଜିଲାପାଳମାନେ ଦେଖିବା ସହ ହୃଦୟଙ୍ଗମ କରିଛନ୍ତି । ହେଲେ ସେମାନଙ୍କ ସମସ୍ୟାର ସମାଧାନ ହୋଇପାରିନାହିଁ । ବନ୍ୟାସମୟରେ ହିଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ଗ୍ରହଣ କରାଯାଉଛି । ହେଲେ ଏହାର ସ୍ଥାୟୀ ପ୍ରତିକାର ଦିଗରେ ପ୍ରଶାସନ କେବେ ତତ୍ପରତା ପ୍ରକାଶ କରିନାହିଁ। ତେଣୁ ଲୋକମାନଙ୍କ ସ୍ୱାର୍ଥ ସହ ଗ୍ରାମଗୁଡିକ ନଦୀ ଗର୍ଭରେ ଲୀନ ହେବାରୁ ପୂର୍ବରୁ ଆଡିବନ୍ଧ ନିର୍ମାଣ କରାଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି । ଦାବୀ ପୂରଣ ହେଲେ ଏହିଗ୍ରାମଗୁଡିକରେ ରହୁଥିବା ୧୫,୦୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଜିବୀକା ସୁରକ୍ଷା ହୋଇପାରିବ ବୋଲି ଉକ୍ତ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ।